CMYK

* Vol.- 46, Issue No. 73
* Saturday,13 June 2026
* ଶନିବାର,୧୩ ଜୁନ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ୨୫ ରୁ ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ
## ଓଡ଼ିଶାର ଚଳଚ୍ଚିତ୍ର ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରୟାସ

ଭୁବନେଶ୍ୱର,୧୨।୬: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନଠାରେ ଆସନ୍ତା ଜୁନ୍ ୨୫ ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା 'ତୃତୀୟ ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ-୨୦୨୬'ର ଆନୁଷ୍ଠାନିକ କାର୍ଯ୍ୟସୂଚୀ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଫେଷ୍ଟିଭାଲ ଡିରେକ୍ଟର ସଞ୍ଜୟ ପଟ୍ଟନାୟକ, କୋ-ଡିରେକ୍ଟର ସୁକାନ୍ତ ରଥ ଓ ଅଶୋକ ପାଲିତଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଚଳଚ୍ଚିତ୍ର ମହୋତ୍ସବର ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଓଡ଼ିଶାର କଳା, ଐତିହ୍ୟ ଏବଂ ସିନେମାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆଗାମୀ ବର୍ଷ (୨୦୨୭)ଠାରୁ ଏହି ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲକୁ ଆହୁରି ବଡ଼ ଏବଂ ବ୍ୟାପକ ଭାବେ ଆୟୋଜନ କରାଯିବ । ଏହି ଆଲୋଚନାରେ ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲର ନିର୍ଦ୍ଦେଶକ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସଂସ୍କୃତି ବିଭାଗର ଏହି ପ୍ରୋତ୍ସାହନ ରାଜ୍ୟରେ ସିନେ-ସଂସ୍କୃତିର ବିକାଶ ଏବଂ ଚଳଚ୍ଚିତ୍ରର ପ୍ରସାର ଦିଗରେ ଏକ ମାଇଲଖୁଣ୍ଟ ସଦୃଶ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜୁନ୍ ୨୫ ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ରାତି ୧୦ଟା ଯାଏଁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଆ ଚଳଚ୍ଚିତ୍ର ସହ କନ୍ନଡ଼, ହିନ୍ଦୀ, ବଙ୍ଗଳା, ମରାଠୀ, ଗୁଜରାଟୀ, ଆସାମୀୟା, ମାଲାୟଲମ୍ ଓ ଡେମ୍ବା ଭାଷାର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ।

# ୮ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

■ ଦୁଇବର୍ଷରେ ୩୦୧ ପ୍ରସ୍ତାବ ପାରିତ ■ ଭିବି ଜି ରାମଜିରେ ମିଳିବ ୧୨୫ ଦିନର କାମ



ଭୁବନେଶ୍ୱର,୧୨।୬(ନିପ୍ର): ମୋହନ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ କ୍ୟାବିନେଟ୍ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୪୨ତମ ଏହି କ୍ୟାବିନେଟ ବୈଠକରେ ୬ଟି ବିଭାଗର ୮ଟି ପ୍ରସ୍ତାବ ଉପରେ ମୋହର ବସିଛି । ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ ଅନୁଗର୍ଗ ଦେଇଥିବା ସୂଚନା ମୁତାବକ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ୩୦୧ ପ୍ରସ୍ତାବ ପାରିତ କରିଛନ୍ତି । ଶୁକ୍ରବାର ଅନୁଷ୍ଠିତ ବୈଠକରେ ହସ୍ତତନ୍ତ ଓ ହସ୍ତକଳାର ଉନ୍ନତି ପାଇଁ ୩୬୧ କୋଟି ଟଙ୍କା ମଞ୍ଜୁର କରାଯାଇଛି । ହସ୍ତତନ୍ତ ଓ ହସ୍ତକଳା ବିଭାଗର ୧୦ଟି କଳ ବନ୍ଦ ରହିଥିଲା । ସେଗୁଡ଼ିକର ପୁନଃ ଆରମ୍ଭ ଏହି ଅର୍ଥରେ କରାଯିବ । ଭିବି ଜି ରାମଜିରେ ମିଳିବ ୧୨୫ ଦିନର କାମ ଶ୍ରମିକଙ୍କୁ ମିଳିବ । ସହରୀ ଯୋଜନା ସ୍କିମ୍ ବିଡ଼ିଏ ପକ୍ଷରୁ ଭତଳ ସ୍ୱେରେଜ ପାଇଁ ୧୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଉଠାଦୋକାନୀଙ୍କୁ ଦିଆଯାଇଥିବା ଋଣରେ ଷ୍ଟାମ୍ପ ଡ୍ୟୁଟି ଏଣିକି ଦେବାକୁ ପଡିବ ନାହିଁ । ରାଜ୍ୟର ୬୪ଟି ସ୍ଥାନରେ ଇଂରାଜୀ ବନାନ ସଂଶୋଧନ କରାଯାଇଛି । ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଏହି ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକରେ ଗୃହୀତ ପ୍ରସ୍ତାବ ଦ୍ୱାରା ବିକଶିତ ଓଡ଼ିଶା ପାଇଁ ପଥ ଅଧିକ ସୁଗମ ହୋଇଛି ।

## ଓଡ଼ିଶା ଛୁଇଁଲା ମୌସୁମୀ
### ଉତ୍ତର ଭାଗକୁ ଅଗ୍ରସର



ଭୁବନେଶ୍ୱର,୧୨।୬: ଓଡ଼ିଶା ମାଟିରେ ପ୍ରବେଶ କରିଛି ମୌସୁମୀ । ପହିଲି ରଜର ଦିନକ ପୂର୍ବରୁ ଓଡ଼ିଶାରେ ମୌସୁମୀ ପ୍ରବେଶ କରିବା ପରେ ତାପମାତ୍ରା ଓ ଗୁଳୁଗୁଳି ସାମାନ୍ୟ ହ୍ରାସ ପାଇଛି । ରାଜ୍ୟର ଉତ୍ତର ଭାଗକୁ ମୌସୁମୀ ଅଗ୍ରସର ହୋଇଛି । ସୂଚନାଯୋଗ୍ୟ, ସ୍ୱାଭାବିକ ସମୟର ୩ ଦିନ ବିଳମ୍ବରେ ଚଳିତ ବର୍ଷ କେରଳମ୍ ଛୁଇଁଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଓଡ଼ିଶାକୁ କିନ୍ତୁ ସ୍ୱାଭାବିକ ସମୟରେ ମୌସୁମୀ ଆସିପାରେ ବୋଲି ଅନୁମାନ କରାଯାଇ ଥିଲା । ଅର୍ଥାତ୍ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ଏହା ଓଡ଼ିଶା ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା । ସାଧାରଣତଃ ଜୁନ ୧ରେ କେରଳମ୍ ଛୁଇଁବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ଓଡ଼ିଶା ଛୁଇଁଥାଏ । କେରଳମ୍‌କୁ ଏହା ଛୁଇଁବାର ୮ ଦିନପରେ ଓଡ଼ିଶା ଛୁଇଁଛି । ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଓଡ଼ିଶାରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ସମେତ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ମୌସୁମୀ ପ୍ରବେଶ କରିଛି ।

## ବିଡିଓଙ୍କ ଗାଡ଼ି ଉପରକୁ ଟେକାପଥର ମାଡ଼

ନୟାଗଡ଼,୧୨।୬: ନୟାଗଡ଼ ଜିଲା ଦଶପଲା ବ୍ଲକ ନଛିପୁରରେ ଦଶପଲ୍ଲା ବିଡିଓ ଶରତ ମଲିକଙ୍କ ଗାଡ଼ି ଉପରକୁ ଟେକାପଥର ମାଡ଼ ହୋଇଛି । ବିଡିଓ ନିର୍ବାଚନ କାର୍ଯ୍ୟରେ ଯାଇ ନଛିପୁର ଦେଇ ଅଫିସକୁ ଫେରୁଥିବା ବେଳେ ଟେକାମାଡ଼ ହୋଇଥିବା ଜଣାପଡ଼ିଛି । ୨ଜଣ ଯୁବକ ଟେକାମାଡ଼ କରିଥିଲେ । ଟେକାଟି ଗାଡିର ଷ୍ଟିଅରିଂରେ ବାଜି ରହି ଯାଇଥିଲା । ବିଡିଓ ଓ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ବିଡିଓ ବି ଏହାକୁ ସ୍ୱୀକାର କରିଛନ୍ତି । ଏନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଯଶପାଲ ରାଣାଙ୍କ ପରଲୋକ



ଡେରାଡୁନ,୧୨।୬: କିମ୍ବଦନ୍ତୀ ବନ୍ଧୁକଚାଳକ ତଥା ପ୍ରଶିକ୍ଷକ ଯଶପାଲ ରାଣାଙ୍କ ଦେହାନ୍ତ ହୋଇଛି । ସେ ହୃଦ୍‌ଘାତର ଶିକାର ହୋଇ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ତାଙ୍କ ଦେହାନ୍ତ ଖବର ସମଗ୍ର କ୍ରୀଡ଼ା ଜଗତ ଏବଂ ଉତ୍ତରାଖଣ୍ଡକୁ ସ୍ତବ୍ଧ କରିଦେଇଛି ।୧୯୯୪ ମସିହା ହିରୋସୀମା ଏସୀୟ କ୍ରୀଡ଼ାରେ ୨୫ ମିଟର ସେଣ୍ଟର ଫାୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ସେ ଅନ୍ତର୍ଜାତୀୟ ସ୍ତରରେ ଚମତ୍କାରିତା ପ୍ରଦର୍ଶନ କରିଥିଲେ ।ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି, 'ଦେବଭୂମି ଉତ୍ତରାଖଣ୍ଡର ସୁପୁତ୍ର ପଦ୍ମଶ୍ରୀ, ଭାରତୀୟ ବନ୍ଧୁକଚାଳନା ଜଗତର ଗୌରବ ଯଶପାଲ ରାଣାଙ୍କ ଆକସ୍ମିକ ଦେହାନ୍ତ ଖବର ଅତ୍ୟନ୍ତ ଯନ୍ତ୍ରଣାଦାୟକ । ବନ୍ଧୁକ ଚାଳନା କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ, ଐତିହାସିକ ସଫଳତା ଏବଂ ଯୁବ କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ବିଶ୍ୱ ମଞ୍ଚରେ ଭାରତକୁ ଗର୍ବିତ କରିଥିଲା । ତାଙ୍କର ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ।

### ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ମାମଲା
## ବଏଫ୍ରେଣ୍ଡ ଗିରଫ

ଭୁବନେଶ୍ୱର,୧୨।୬:ଏମବିବିଏସ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାର ତଦନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, କମିଶନରେଟ୍ ପୋଲିସ ଶୁକ୍ରବାର ତାଙ୍କ ବଏଫ୍ରେଣ୍ଡ ତଥା ଓଏଏସ ଅଧିକାରୀ ଭୀମସେନ ଟୁଡୁଙ୍କୁ ଗିରଫ କରିଛି । ପୋଲିସ ସୂତ୍ର ଅନୁଯାୟୀ, ଟୁଡୁଙ୍କୁ ମୟୂରଭଞ୍ଜ ଜିଲ୍ଲାରେ ଗିରଫ କରାଯାଇଥିଲା, ଯେଉଁଠାରେ ସେ ଘଟଣା ପରଠାରୁ ଲୁଚି ରହିଥିବା ଅଭିଯୋଗ ହୋଇଥିଲା । ଜୁନ୍ ୪ ତାରିଖରେ ତ୍ରିଶୁଳିଆ ଓଭରବ୍ରିଜ୍ ନିକଟରେ ଚନ୍ଦ୍ରିକାଙ୍କ ମୃତଦେହ ଉଦ୍ଧାର ହେବା ପରେ ମାମଲା ସାମ୍ନାକୁ ଆସିଥିଲା । ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ମିଳିବା ପରେ ବ୍ୟାପକ ଚିନ୍ତା ସୃଷ୍ଟି ହୋଇଥିଲା ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା ।

# ପୂରିଲା ୨ ବର୍ଷ — ମୋହନ ସରକାରଙ୍କ ବଡ଼ ଭେଟି



* 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ଆରମ୍ଭ
* ଏଣିକି ହିତାଧିକାରୀଙ୍କୁ ମୁଣ୍ଡପିଛା ୧୦ କେଜି ଚାଉଳ
* ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ ପ୍ରଦାନ
* 'ସୁଭଦ୍ରା ଶକ୍ତି ସମ୍ବାଦ'ର ଶୁଭାରମ୍ଭ
* ଏକାମ୍ରକାନନ ମାର୍ଗ ଲୋକାର୍ପିତ
* 'ଜନାଶ୍ରୟ' ଭବନର ଶିଳାନ୍ୟାସ

ଭୁବନେଶ୍ୱର,୧୨।୬: ଓଡ଼ିଶାରେ ବିଜେପି ସରକାରକୁ ଶୁକ୍ରବାର ଦୁଇ ବର୍ଷ ପୂରିଛି । ଏହି ଅବସରରେ ଆରମ୍ଭ ହୋଇଛି ଏକ ନୂତନ ଯୋଜନା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' । ଗତ ଏପ୍ରିଲ ୫ରେ ଅନୁଷ୍ଠିତ କ୍ୟାବିନେଟ ଏହାକୁ ମଞ୍ଜୁରି ଦେଇଥିଲା । 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ପ୍ରତି ରାସନ କାର୍ଡଧାରୀଙ୍କୁ ମିଳିବ ଆଉ ୫ କେଜି ଚାଉଳ । ପୂର୍ବରୁ ପାଞ୍ଚ କେଜି ଚାଉଳ ମିଳୁଥିବା ବେଳେ, ଏବେ ପ୍ରତି ହିତାଧିକାରୀଙ୍କୁ ଦଶ କେଜି ଲେଖାଏଁ ଚାଉଳ ମିଳିବ । ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇ ଅନ୍ନପୂର୍ଣ୍ଣ ଯୋଜନାର ଶୁଭାରମ୍ଭ କରିଛନ୍ତି ।ଏହି ଯୋଜନା ଅଧୀନରେ ମୋଟ ୩ କୋଟି ୨୮ ଲକ୍ଷ ୫୮ ହଜାର ହିତାଧିକାରୀ ଉପକୃତ ହେବେ । ଏହି ଯୋଜନା ଲାଗୁ ହେବା ପରେ ହିତାଧିକାରୀଙ୍କୁ ମାସକୁ ମୁଣ୍ଡପିଛା ୧୦ କେଜି ଚାଉଳ ମିଳିବ । ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ୮ ହଜାର ୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଭାତ ଥାଳିକୁ ସୁରକ୍ଷିତ କରିବାର ଐତିହାସିକ ସଂକଳ୍ପ । ଏହି ଅବସରରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ ହୋଇଛି । 'ସୁଭଦ୍ରା ଶକ୍ତି ସମ୍ବାଦ'ର ଶୁଭାରମ୍ଭ ମଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେହିଭଳି ୨୦ ମହଲା ବିଶିଷ୍ଟ 'ଜନାଶ୍ରୟ' ଭବନର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ । ଅପରପକ୍ଷେ ଏକାମ୍ରକାନନ ଇନଫୋସିଟି ରାସ୍ତାର ଶୁଭାରମ୍ଭ ହୋଇଛି । ରାଜଧାନୀ ଭୁବନେଶ୍ୱରର ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ ଓ ଆଧୁନିକ କରିବା ପାଇଁ ରାଜ୍ୟ ସରକାର ଏକ ବୃହତ୍ ପଦକ୍ଷେପ ଗ୍ରହଣ କରିଛନ୍ତି । 'ଭୁବନେଶ୍ୱର ସହର ବିକାଶ ଯୋଜନା ୨୦୪୦'କୁ ଆଖି ଆଗରେ ରଖି ପ୍ରାୟ ୯୫୨.୨୬ କୋଟି ଟଙ୍କା ବ୍ୟୟରେ ଏକାଧିକ ମେଗା ସଡ଼କ,ସେତୁ ଓ ଟ୍ରାଫିକ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଜନତା ମଇଦାନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରକଳ୍ପଗୁଡ଼ିକର ଭୂମିପୂଜନ କରିଛନ୍ତି ।

### 'ମୁଖ୍ୟମନ୍ତ୍ରୀ ପଦବୀ ଜନସେବାର ପବିତ୍ର ମାଧ୍ୟମ'

ଭୁବନେଶ୍ୱର,୧୨।୬(ନିପ୍ର) ଓଡ଼ିଶା ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୋସିଆଲ ମିଡିଆ ମାଧ୍ୟମରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ଭାବପ୍ରବଣ ବାର୍ତ୍ତା ଜାରି କରି ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ, ଜଣେ ସ୍ୱୟଂସେବକର ସମର୍ପିତ ମନ ନେଇ, ଶିକ୍ଷକତାରୁ ସରପଞ୍ଚ ଏବଂ ପରବର୍ତ୍ତୀ ସମୟରେ ବିଧାୟକ ଭାବେ ଲୋକଙ୍କ ସୁଖଦୁଃଖର ସାଥୀ ହେବାର ଯେଉଁ ଯାତ୍ରା ମୁଁ ଆରମ୍ଭ କରିଥିଲି, ଆଜି ରାଜ୍ୟର ସର୍ବୋଚ୍ଚ ଦାୟିତ୍ୱରେ ରହି ମଧ୍ୟ ସେହି ସେବାଭାବକୁ ଅବିଚଳ ରଖିଛି । ସେ କହିଛନ୍ତି ଯେ, ମୁଁ ଆପଣମାନଙ୍କ ଭିତରୁ ଜଣେ; ଆପଣଙ୍କ ଭାଇ, ଆପଣଙ୍କ ପୁଅ, ଆପଣଙ୍କ ମୋହନ । ମୋ ପାଇଁ ଏହି ମୁଖ୍ୟମନ୍ତ୍ରୀ ପଦବୀ କ୍ଷମତାର ଚୌକି ନୁହେଁ, ବରଂ ଜନସେବାର ଏକ ପବିତ୍ର ମାଧ୍ୟମ । ବିଗତ ଦୁଇ ବର୍ଷ ମଧ୍ୟରେ ଆମର ଏହି 'ଲୋକଙ୍କ ସରକାର' କେବଳ ଶାସନ ପରିଚାଳନା କରିନାହିଁ, ବରଂ ସେବା, ସମର୍ପଣ ଓ ସୁଶାସନ ବଳରେ ପ୍ରତ୍ୟେକ ଓଡ଼ିଆଙ୍କ ବିଶ୍ୱାସଭାଜନ ହୋଇପାରିଛି ।

### ଓଡ଼ିଶାରେ ପ୍ରଥମ
## କେଜିରୁ ପିଜି ଦେୟମୁକ୍ତ ଶିକ୍ଷା
### ୨ ବର୍ଷରେ ୧୨୧ ଯୋଜନା କାର୍ଯ୍ୟକାରୀ

ଭୁବନେଶ୍ୱର,୧୨।୬: ମୋହନ ସରକାରକୁ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣ ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଠିକ୍ ୨ବର୍ଷ ତଳେ ଆଜିର ଦିନରେ ଆମ ସରକାର ଦାୟିତ୍ୱ ଗ୍ରହଣ କରିଥିଲା । ଏହା ପରଠୁ ଆରମ୍ଭ ହୋଇଥିଲା ଲୋକଙ୍କ ସରକାର, ଜନତାଙ୍କ ସହ ମିଶିଛୁ । ଓଡ଼ିଶାବାସୀଙ୍କ ଅଗ୍ରଗତି ପାଇଁ ଆମେ ଆଗକୁ ବଢ଼ିଛୁ ।



ଡବଲ ଇଞ୍ଜିନ ସରକାରର ଡବଲ ପ୍ରଭାବ ପଡ଼ିଛି । ୨ ବର୍ଷରେ ୧୨୧ଟି ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ସମୃଦ୍ଧ ଓଡ଼ିଶା ଗଠନରେ ପ୍ରଭାବ ପକାଇଛି । ପ୍ରତ୍ୟେକ ଗାଁକୁ ମୌଳିକ ସୁବିଧା ପହଞ୍ଚାଇ ପାରି ନ ଥିଲା ୨୪ ବର୍ଷିଆ ସରକାର । ବିଦ୍ୟୁତ୍, ପାନୀୟ ଜଳ, ଗାଁକୁ ରାସ୍ତାଟିଏ ଦେଇ ପାରି ନ ଥିଲେ ପୂର୍ବ ସରକାର । ଏଥିସହିତ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, କେଜିରୁ ପିଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ପଢ଼ିବେ ଛାତ୍ରଛାତ୍ରୀ । ରାଜ୍ୟର ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଏଥିରୁ ଉପକୃତ ହେବେ । ପାଠପଢ଼ା ନିମନ୍ତେ ଖର୍ଚ୍ଚର ବୋଝ ଆଉ କାହା କାନ୍ଧରେ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ମିଳିବ ଅଧିକ ୧୫ମିନିଟ୍



ନୂଆଦିଲ୍ଲୀ,୧୨।୬: ମେଡିକାଲ ପ୍ରବେଶ ପରୀକ୍ଷା ନିଟ୍ ୟୁଜି -୨୦୨୬ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର । ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି (ଏନଟିଏ) ପକ୍ଷରୁ ୨୦୨୬ ଜୁନ ୨୧ରେ ହେବାକୁ ଥିବା ପରୀକ୍ଷାରେ କେତେକ ଜରୁରୀ ପରିବର୍ତ୍ତନ କରାଯାଇଛି । ଏଥର ପିଲାମାନଙ୍କୁ ଉତ୍ତର ଲେଖିବା ପାଇଁ ପୂର୍ବାପେକ୍ଷା ଅଧିକ ସମୟ ଦିଆଯିବ । ସେହିପରି ରଫ କରିବା ପାଇଁ ଅତିରିକ୍ତ କାଗଜ ବି ଦିଆଯିବ । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ହଲରେ ଅଧିକ ସୁବିଧା ମିଳି ପାରିବ ଏବଂ ବିନା ଚାପରେ ଭଲ ଭାବେ ପ୍ରଶ୍ନର ଉତ୍ତର ଦେଇ ପାରିବେ । ଏନଟିଏ ପ୍ରାର୍ଥୀଙ୍କଠାରୁ ମିଳିଥିବା ପ୍ରସ୍ତାବ ଏବଂ ଫିଡବ୍ୟାକ ଆଧାରରେ ନିଟ ୟୁଜି -୨୦୨୬ର ସମୟସୀମା ବୃଦ୍ଧି କରାଯାଇଛି । ଏବେ ପରୀକ୍ଷା ପାଇଁ ୧୯୫ ମିନିଟ ଦିଆଯିବ । ଅର୍ଥାତ୍ ଅଧିକ ୧୫ ମିନିଟ୍ ମିଳିବ । ପରୀକ୍ଷା ଅପରାହ୍ନ ୨ଟାରେ ଆରମ୍ଭ ହୋଇ ସନ୍ଧ୍ୟା ୫.୧୫ରେ ଶେଷ ହେବ । ପ୍ରଥମେ ପିଲାଙ୍କ ଉପସ୍ଥିତି ଯାଞ୍ଚ, ଦସ୍ତଖତ ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ପାଇଁ ବହୁତ ସମୟ ଲାଗୁଥିବା ଅଭିଯୋଗ ଆସୁଥିଲା । ତେବେ ଏସବୁ କାମ ପାଇଁ ସେମାନଙ୍କ ପରୀକ୍ଷା ସମୟ ସୀମାରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି ।

## ଫେସବୁକ ଓ ଇନଷ୍ଟାଗ୍ରାମ ସର୍ଭର ଡାଉନ




ନୂଆଦିଲ୍ଲୀ,୧୨।୬: ବିଶ୍ୱବ୍ୟାପୀ ଫେସବୁକ ଓ ଇନଷ୍ଟାଗ୍ରାମ ବ୍ୟବହାରକାରୀମାନେ ଲଗ୍ ଇନ୍ ସମସ୍ୟା ସହ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବା ରିପୋର୍ଟ କରିଛନ୍ତି । ବିଭିନ୍ନ ସର୍ଭର ଡାଉନ ଚିହ୍ନିତ ୱେବସାଇଟ୍ ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭:୦୦ଟା ସମୟରେ ଫେସବୁକ ଓ ଇନଷ୍ଟାଗ୍ରାମ ବାଧାପ୍ରାପ୍ତ ହୋଇଥିବା ରିପୋର୍ଟ ବୃଦ୍ଧି ପାଇଛି । ଶୁକ୍ରବାର ସନ୍ଧ୍ୟାରେ ଅନେକ ବ୍ୟବହାରକାରୀ ଫେସବୁକ ଓ ଇନଷ୍ଟାଗ୍ରାମ ବ୍ୟବହାର କରିବାରେ ସମସ୍ୟାର ରିପୋର୍ଟ କରିଛନ୍ତି । ଅଭିଯୋଗଗୁଡ଼ିକ ମୁଖ୍ୟତଃ ଲଗ୍ ଇନ୍ ଏବଂ ସେୟାର କରିବା ଅସୁବିଧା ଉପରେ କେନ୍ଦ୍ରିତ ଥିଲା । ରିପୋର୍ଟ ହୋଇଥିବା ବାଧା ବିଷୟରେ ମେଟା ପ୍ଲାଟଫର୍ମ କିମ୍ବା ଫେସବୁକ ଓ ଇନଷ୍ଟାଗ୍ରାମ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।

|| ସମୃଦ୍ଧ ଓଡ଼ିଶା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ||

# ୨୦୨୭ ସୁଦ୍ଧା ସବୁ ଗାଁକୁ ମିଶନ ମୋଡ୍‌ରେ ମୌଳିକ ସୁବିଧା




ଭୁବନେଶ୍ୱର, ୧୨।୬: ରାଜ୍ୟରେ ବିଜେପି ସରକାର ଗଠନକୁ ଜୁନ ୧୨ରେ ଦୁଇ ବର୍ଷ ପୂରିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ଆମର ନୀତି ବିକାଶର ଗତିରେ ସମସ୍ତେ ଭାଗିଦାରି । ଓଡିଶା ବିକାଶ ପାଇଁ ସ୍ପଷ୍ଟ ଲକ୍ଷ୍ୟ ରହିଛି । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ହୋଇସାରିଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶାର ଏହି ଲକ୍ଷ୍ୟ ହାସଲ ଦିଗରେ, ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଆମକୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଉଛନ୍ତି । ଡବଲ ଇଞ୍ଜିନ୍ ସରକାରଙ୍କ ଡବଲ ପ୍ରଭାବ, ଓଡିଶାର ପ୍ରତ୍ୟେକ ଗାଁ ଓ ପ୍ରତ୍ୟେକ ସହରରେ ପ୍ରତିଫଳିତ ହେଉଛି । ଏହି ୨ ବର୍ଷରେ ଆମ ସରକାରଙ୍କ ପଦକ୍ଷେପ ଯୋଗୁଁ ବିକାଶ ଓ ସଶକ୍ତିକରଣ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆସିଛି । ଆଗାମୀ ୨୦୨୭ ଶେଷ ସୁଦ୍ଧା ସବୁ ଗ୍ରାମକୁ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ମିଶନ ପାୱାର ଗଠନ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରେଖାଙ୍କିତ କରାଯାଇଥିବା ଚାରି ବର୍ଗ ଅର୍ଥାତ୍ 'ଗରିବ, ମହିଳା, ଅନ୍ନଦାତା ଏବଂ ଯୁବବର୍ଗ'ଙ୍କ ପାଇଁ ଆମେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛୁ ବୋଲି ମୋହନ ମାଝୀ କହିଛନ୍ତି । ରାଜ୍ୟରେ ବିଜେପି ପ୍ରଥମ ଥର ସରକାର ଗଠନ କରିବା ପରେ ପ୍ରଥମ କ୍ୟାବିନେଟରେ 'ସୁଭଦ୍ରା ଯୋଜନା'କୁ ଅନୁମୋଦନ କରାଯାଇଥିଲା । ଏହି ଦୁଇ ବର୍ଷ ମଧ୍ୟରେ ୨୦ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ସେହିପରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏବେ ସୁଦ୍ଧା ୧୩୦୦ ଗରିବ କନ୍ୟାଙ୍କୁ ମର୍ଯ୍ୟାଦାଜନକ ଭାବେ ବିବାହ କରାଯାଇଛି । ରାଜ୍ୟ ସରକାରଙ୍କ ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ହେଉଛି କନ୍ୟା ସୁମଙ୍ଗଳ ଯୋଜନା । ସେହିପରି ୨୩ ଲକ୍ଷ ୫୦ ହଜାର ଲକ୍ଷପତି ଦିଦି ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟ ସରକାର ଆଜିଠୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରିଛନ୍ତି ।ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା । ପ୍ରଥମ ପର୍ଯ୍ୟାୟରେ ସ୍ଥାପିତ ହେବାକୁ ଥିବା ୨୨ ଶହ ବିଦ୍ୟାଳୟରୁ ବର୍ତ୍ତମାନ ସୁଦ୍ଧା ୩୨୨ ବିଦ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି । ଏଥି ସହିତ ଗତ ଦୁଇ ବର୍ଷ ମଧ୍ୟରେ ୨୬ ହଜାର ୬୧୫ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଆଗାମୀ ୩ ବର୍ଷରେ ଆମେ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ଆମ ସରକାର ଶିକ୍ଷାକୁ ପ୍ରକୃତ ଅର୍ଥରେ ଦେୟମୁକ୍ତ ଓ ସାର୍ବଜନୀନ କରିବା ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ଆଜିଠୁ ସଂପୂର୍ଣ୍ଣ ଦେୟମୁକ୍ତ କରାଯାଇଛି ।

CMYK

# ରଜପାନ

***'ବାଉଁଶ ଅଗରେ ଧାନ, ମୁଁ ଦେବି ପଇସା ଖାଇବୁ ପାନ, ମୋ ବଉଳ ମିତଲୋ, ଏବେ ଚାଲିଯିବା ବୃନ୍ଦାବନ....'***

**ଜ୍ୟୋତ୍ସ୍ନା ମହାପାତ୍ର**





ପ୍ରାଚୀନ ବନ୍ଧନ ନେଇ ପାନ ପରିଚିତ । ପ୍ରୀତି, ପ୍ରେମ, ବନ୍ଧୁତାର ହିଁ ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛଅଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଲ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଏ ଜାତିର ଠାକୁର ବଡ଼ ଠାକୁର ଶ୍ରୀଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଲ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ି ହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡ଼ୋରିକୁ ସୁଦୃଢ଼ କରିବ । ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମି ନାଶକ । ପାନରେ ଦିଆଯାଇଥିବା ଚୁନ ଲୌହଶକ୍ତି ପୂର୍ଣ୍ଣ । ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୃଦ୍ଧି ବିନାଶିନୀ । ରଜପାନର ଚମକ ଓ ମହକ ସାରା ବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିନିଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧନିଆ, ଚାଉଳ ଓ ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ, ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢ଼ଙ୍ଗରେ ତ୍ରିଭଙ୍ଗ, ଚରଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ଗଜପାନର ସ୍ୱାଦ ସ୍ୱତନ୍ତ୍ର । ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢ଼ିଯାଏ । ଚଳନ୍ତି ଢ଼ଗ ଅଛି - 'ପାନଖିଆ ରସିକ ପାଟି, ଖୋଜି ବୁଲୁଥିଲା ରାଜାଙ୍କ ହାତୀ, ଢ଼ାଳି ଦେଇଗଲା ଶିରରେ, ରାଜା ହୋଇଗଲା ରଜରେ ।'

ପାନ ହେଉଛି ଓଡ଼ିଆର ପ୍ରାଣ । ପ୍ରାଚୀନ ଓଡ଼ିଶାରୁ ପାନର ସୃଷ୍ଟି ଆଉ ଏହା ଆମ ସଂସ୍କୃତି ସହ ନିବିଡ଼ ହୋଇ ରହିଛି - କାହିଁ କେଉଁ କାଳରୁ । ଏମିତିକି ଓଡ଼ିଶାର ଲୋକ ଦେବତା ଜଗନ୍ନାଥଙ୍କର ମଧ୍ୟ ବିଡ଼ିଆ ପାନ ଖଣ୍ଡେ ନହେଲେ ନଚଳେ । ପାନ କାହାର ପ୍ରିୟ ନୁହେଁ ଯେ । ନ ଖାଇଲା ଲୋକଙ୍କୁ ସାଧା ଖିଲିପାନ ଖଣ୍ଡେ ଦେଲେ ସେ ବି ଖୁସିରେ ଖାଇଦେବ । ଆଉ ରଜ କଥା ପୁରା ଅଲଗା । ପୁଣି ରଜପାନର ସ୍ୱାଦ ବି ଖୁବ୍ ରୁଚିକର । ପ୍ରେମ, ପ୍ରୀତି ଓ ପ୍ରଣୟର ପ୍ରତୀକ ଏଇ ପାନ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଏମିତି ବି ବର୍ଣ୍ଣନା ରହିଛି - 'ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ, ଗଣ୍ଡେ ଦେଇଣ ଚୁମ୍ବନ, ହରଷ ମୁଁ କରାଇବି, ମଲ୍ଲୀମାଳ ଶ୍ୟାମକୁ ଦେବି ମନ ତୋଷିବି ।' ପାନ ଖାଉଥିବା ଝିଅଙ୍କ ଓଷ୍ଠାଧାରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ପାନ ଦିଆ ନିଆରେ ସମ୍ପର୍କ ବଢ଼େ, ପ୍ରେମରେ ପୂର୍ଣ୍ଣତା ଆଣେ ପାନ । ନୂଆ ବୋହୂଟିଏ ଘରକୁ ଆସିଲେ ତା'ର ଶାଶୂ, ସାଇପଡ଼ିଶା ପ୍ରଥମେ ପାନ ଭଙ୍ଗାର ପରୀକ୍ଷା ନେଉଥିଲେ । ଗୁରୁଜନମାନଙ୍କୁ ନିଜ ହାତଭଙ୍ଗା ପାନ ପରଷିଦେଇ ବୋହୂଟି ମଥାନୁଆଁଇ ପ୍ରଣାମ କରୁଥିଲା ।

ତେଣୁ ପାନ ଓଡ଼ିଶା ସଂସ୍କୃତିର ଛତ୍ରେ ଛତ୍ରେ ରହିଛି । ରଜପର୍ବରେ ସହୀ ସଙ୍ଗାତ, ମକର, ବଉଳଙ୍କ ସହିତ ପାନଭଙ୍ଗା ଓ ପରସ୍ପର ଆଦାନପ୍ରଦାନ ଓଡ଼ିଆ ଘରର ଚଳଣିରେ ଗ୍ରାମୀଣ ଜୀବନର ଧାରାକୁ ଏବେ ବି ଉଜ୍ଜିବୀତ କରି ରଖିଛି । ପାନ ଖାଇ ରଜଦୋଳିରେ ବସି ଝିଅମାନେ ରଜପାନର ଗୀତ ବୋଲିବା ପରିବେଶକୁ ଖୁବ୍ ଆମୋଦିତ କରିଥାଏ । 'ବାଉଁଶ ଅଗରେ ଧାନ, ମୁଁ ଦେବି ପଇସା ଖାଇବୁ ପାନ, ମୋ ବଉଳ ମିତଲୋ, ଏବେ ଚାଲିଯିବା ବୃନ୍ଦାବନ । ଉଇଁ ଆସେ ନୂଆ ଜହ୍ନ, ଚାଲ ଯିବା ମିଶି ଗୁଆଖାଦାନ, ମୋ କାଇଁଚମାଳାଲୋ, ଆମେ ସେଇଠି ଖାଇବା ପାନ ।' ପାନ ଖଣ୍ଡକରେ କିଣି ହୋଇଯାଏ ମନ । ମୁଖର ସୌନ୍ଦର୍ଯ୍ୟ ଓ ବାସ ବୃଦ୍ଧି କରିଥାଏ ବୋଲି ପାନର ଅନ୍ୟ ନାମ ମୁଖବାସ । ପୁଣି ରଜ ଖେଳ ଭିତରକୁ ବି ପାନ ପଶି ଆସିଛି । ବୟସ୍କ ଓ ମହିଳାଙ୍କ ତାସ ଖେଳରେ କଳାପାନ ଓ ନାଲିପାନର ଆଡ୍ଡା ଖୁବ୍ ଜମେ । ଏବେ ଘରେ ଘରେ ରଜପାନ । ରଜ ସମୟରେ କେବଳ କଟକ ଭୁବନେଶ୍ୱର ନୁହେଁ ରାଜ୍ୟର ସବୁଠି ପାନ ଦୋକାନୀ ଭଳିକି ଭଳି ରଜ ପାନର ପସରା ମେଲାଇ ବସିଛନ୍ତି । ସେମାନେ ଖାସ୍ ରଜପାନ ହିଁ ତିଆରି କରୁଛନ୍ତି । ପାନରେ ଗୁଆ, ଚୂନ, ଖଇର ସହ ଅନ୍ୟାନ୍ୟ ବ୍ୟବହୃତ ମସଲା ସବୁର ଖୁବ୍ ଔଷଧୀୟ ଗୁଣ ରହିଛି । ଚରକ ସଂହିତାରେ ପାନରେ ଗୁଆ, କର୍ପୂର, ଜାଇଫଳ, ଲବଙ୍ଗ, କଙ୍କୋଳ ଓ ଗୁଜୁରାତି ଦିଆଯାଇଥିବା ପାନ କଥା କୁହାଯାଇଛି । ଏ ସବୁ ମସଲା ପାନର ସ୍ୱାଦ, ସୁଗୁଣ ଓ ସୁବାସ ନେଇ ଆସିଥାଏ । ପାନର ମୁଖ୍ୟ ଉପାଦାନ ଗୁଡ଼ିକ ହେଲା - ପାନ, ଚୂନ, ଗୁଆ, ଖଇର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଜାଇତ୍ରୀ, ଜାଇଫଳ, ଖୁରୁଡ଼ି ନଡ଼ିଆ, ବାଦାମ, କର୍ପୂର, କବାବ ଚିନି, କେଶର, ଡାଲଚିନି, କସ୍ତୁରୀ, ସୁନା ତବକ, ରୁପାତବକ, ଶୁଣ୍ଠି, ଅଦା, ଚନ୍ଦନ, ମାତୁଲୁଙ୍ଗ, ପିପରମେଣ୍ଟ, ଲବଳୀ, ନଖି ଓ ମୁରାମାଂସ । ଏ ସବୁ ପାନ ମସଲାଦେଇ ଖୁବ୍ କୌଶଳରେ ମୋଡ଼ାଯାଏ ପାନ, ଆଉ ଏଥିରେ ଲବଙ୍ଗ ଗୁନ୍ଥି ବଢ଼େଇ ଦିଆଯାଏ । ଆତ୍ମୀୟ ସ୍ୱଜନଙ୍କୁ । ଏମିତି ଲୋକ ଅଛନ୍ତି, ଯେଉଁମାନେ ପାନଖଣ୍ଡେ ନ ହେଲେ କାମ କରି ପାରନ୍ତି ନି । ତେବେ କଡ଼ାପାନ ନିଶ୍ଚୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ କ୍ଷତିକାରକ । ପାନ ଖର୍ଚ୍ଚ ବି ଅନେକ ସମୟରେ ଅଣ୍ଟାରୁ ପଇସା ସାରିଦିଏ । ତଥାପି ପାନର ମହତ୍ତ୍ୱ ଖୁବ୍ ବେଶୀ, ଯେତେବେଳେ ଏହା ମନରେ ସଂପ୍ରୀତି ଓ ପ୍ରେମଭାବ ଆଣି ଆବେଗକୁ ଉଦ୍‌ବେଳିତ କରେ । ପାନ ଏବେ ଦଶ ଟଙ୍କାରୁ ଆରମ୍ଭ କରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି ସବୁଆଡ଼େ ।





# ମହାଦେବଙ୍କ କ୍ଷୀର ଢାଳିବାକୁ ଲାଗେ ଭକ୍ତଙ୍କ ଲମ୍ବା ଧାଡ଼ି



**ଭା**ରତରେ କାହିଁ କେଉଁ କାଳରୁ ରହିଛି ମନ୍ଦିରର ଇତିହାସ । ଏଭଳି ଅନେକ ପ୍ରାଚୀନ ମନ୍ଦିର ରହିଛି, ଯାହାର ରହସ୍ୟ ସାଧାରଣ ଲୋକଙ୍କୁ ତ ଆଶ୍ଚର୍ଯ୍ୟ କରେ, ବୈଜ୍ଞାନିକମାନେ ବି ହୋଇଥାନ୍ତି ଅବାକ୍ । ଠିକ୍ ସେହିଭଳି ଏକ ରହସ୍ୟମୟୀ ମନ୍ଦିର ରହିଛି କେରଳରେ । ଯାହା କେତୁ ଦେବତାଙ୍କୁ ସମର୍ପିତ । ତେଣୁ ଏହି ମନ୍ଦିର କେତୁ ସ୍ଥଳ ଭାବେ ମଧ୍ୟ ଜଣାଶୁଣା । ଏହି ମନ୍ଦିରର ବିଶେଷତା ହେଉଛି, ଏଠାରେ ଭକ୍ତ ଭଗବାନଙ୍କ ଉପରେ ଯେଉଁ କ୍ଷୀର ଚଢ଼ାନ୍ତି ତାହା ରଙ୍ଗ ପରିବର୍ତ୍ତନ କରିଥାଏ । କେରଳର କାବେରୀ ନଦୀ କୂଳରେ ରହିଛି ଏହି ମନ୍ଦିର । ଭଗବାନ ଶିବ ଏହି ମନ୍ଦିରର ଆରାଧ୍ୟ ଦେବତା । ମହାଦେବଙ୍କ ବ୍ୟତୀତ ଏଠାରେ ରାହୁ ଓ କେତୁ ଭଗବାନଙ୍କ ପ୍ରତିମା ମଧ୍ୟ ସ୍ଥାପନା କରାଯାଇଛି । କେରଳର କିଜାପେରୁମପଲ୍ଲମ ଗାଁରେ ରହିଛି ନାଗନାଥସ୍ୱାମୀ ମନ୍ଦିର । କାବେରୀ ନଦୀ କୂଳରେ ନିର୍ମିତ ମନ୍ଦିରରେ କେତୁ ଗ୍ରହ ପୂଜା ପାଉଛନ୍ତି ଶିବ । ମହାଦେବାଙ୍କୁ ଏଠାରେ ନାଗନାଥ କୁହାଯାଏ । ଲୋକମାନେ ବହୁ ଦୂରଦୂରାନ୍ତରୁ ଆସି ଏହି ମନ୍ଦିରରେ ରାହୁ-କେତୁ ଉପରେ କ୍ଷୀର ଅର୍ପଣ କରନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ, ଯେଉଁମାନେ କେତୁ ଗ୍ରହର ତ୍ରୁଟିରେ ପୀଡ଼ିତ ସେମାନଙ୍କ କ୍ଷୀରର ରଙ୍ଗ ବଦଳିଯାଏ ବୋଲି କୁହାଯାଏ । କ୍ଷୀରର ରଙ୍ଗ ଧଳାରୁ ନୀଳ ପଡ଼ିଯାଏ । ତେବେ ଏଠାରେ କ୍ଷୀର ଢାଳିଲେ ରାହୁ ଓ କେତୁ ଶାନ୍ତି ହୋଇଥାନ୍ତି ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି । କିଭଳି କ୍ଷୀରର ରଙ୍ଗ ନୀଳ ହୁଏ ତାହା ଆଜି ବି ରହସ୍ୟ ଘେରରେ । ବହୁ ପ୍ରାଚୀନ ପୁରାତନ ଏହି ମନ୍ଦିର । ମନ୍ଦିରର ନିର୍ମାଣ ଶୈଳୀ ମଧ୍ୟ ବେଶ୍ ଆକର୍ଷଣୀୟ । ପୌରାଣିକ କଥା । ଅନୁଯାୟୀ, ରାହୁ ଅନେକ ବଳଶାଳୀ ରାକ୍ଷସ । ରାହୁକୁ କୁଟନୀତି, ରାଜନୀତି, ଭ୍ରମ, ସତ୍ତା ପଦର ଗ୍ରହ ମଧ୍ୟ କୁହାଯାଏ । ସେହିଭଳି କେତୁଙ୍କୁ ମୋକ୍ଷକାରକ ଓ ରହସ୍ୟମୟୀ ଗୁପ୍ତ ବିଦ୍ୟା ପ୍ରଦାୟ ଗ୍ରହ କୁହାଯାଏ । କୁଣ୍ଡଳୀରେ ରାହୁ କେତୁଙ୍କ ପାଇଁ କାଳସର୍ପ ଦୋଷ ମଧ୍ୟ ଲାଗିଥାଏ । ପୌରାଣିକ ମାନ୍ୟତା ଅନୁସାରେ, ଋଷିଙ୍କ ଅଭିଶାପରୁ ମୁକ୍ତି ପାଇବା ଲାଗି କେତୁ ଦେବତା ଏହି ମନ୍ଦିରରେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ଲାଗି ଆରାଧନା ଆରମ୍ଭ କରିଥିଲେ । ତାଙ୍କ ଆରାଧନାରେ ପ୍ରସନ୍ନ ହୋଇ ଶିବରାତ୍ରିରେ ଭଗବାନ ଶିବ କେତୁଙ୍କୁ ଦର୍ଶନ ଦେଇଥିଲେ । ଏଥିସହ କେତୁଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ । କେତୁଙ୍କୁ ସର୍ପଙ୍କ ଦେବତା ମଧ୍ୟ କୁହାଯାଏ । କାରଣ କେତୁ ଦେବତାଙ୍କ ମୁଣ୍ଡ ମନୁଷ୍ୟର ହୋଇଥିବା ବେଳେ ବାକି ଶରୀର ସର୍ପର ।

## ଶିବଲିଙ୍ଗର ଉତ୍ପତ୍ତି କିପରି ହୋଇଥିଲା ?

*ପୁରାଣ ଅନୁସାରେ, ଥରେ ବ୍ରହ୍ମା ଏବଂ ଭଗବାନ ବିଷ୍ଣୁ କିଏ ଶ୍ରେଷ୍ଠ ତାହା ଉପରେ ଯୁକ୍ତିତର୍କ କରିଥିଲେ । ଉଭୟେ ନିଜର ଶ୍ରେଷ୍ଠତା ଦାବି କରିଥିଲେ । ହଠାତ୍ ଏକ ଲିଙ୍ଗ ଦେଖାଗଲା । ଉଭୟ ଦେବତା ଏହାର ଉତ୍ସ ଖୋଜିବାକୁ ଚେଷ୍ଟା କଲେ, କିନ୍ତୁ ହଜାର ହଜାର ବର୍ଷ ପରେ ମଧ୍ୟ ସେମାନେ ଏହାର ଉତ୍ସ ପାଇ ପାରିଲେ ନାହିଁ । ବ୍ରହ୍ମା ତା'ପରେ ଆଲୋକ ସ୍ତମ୍ଭ ବିଷୟରେ ପଚାରିଲେ ଏବଂ ଉତ୍ତର ଆସିଲା, ପ୍ରକାଶ କଲେ ଯେ ଏହା ଶିବ । ତାଙ୍କଠାରୁ ଜୀବନର ସମସ୍ତ ଉତ୍ସ ଉତ୍ପନ୍ନ ହୋଇଥିଲା । ଏପରିକି ବ୍ରହ୍ମା ଏବଂ ବିଷ୍ଣୁ ମଧ୍ୟ ତାଙ୍କଠାରୁ ଜନ୍ମ ହୋଇଥିଲେ । କୁହାଯାଏ ଯେ ଏହା ପରେ ହିଁ ଭଗବାନ ଶିବ ତାଙ୍କର ନିରାକାର ରୂପରେ ଏକ ଶିବଲିଙ୍ଗ ଭାବରେ ପ୍ରତିଷ୍ଠିତ ହୋଇଥିଲେ । ଭଗବାନ ବ୍ରହ୍ମା ଏବଂ ବିଷ୍ଣୁ ସେହି ଶିବଲିଙ୍ଗଙ୍କୁ ପୂଜା କରିବା ଆରମ୍ଭ କରିଥିଲେ । ସେବେଠାରୁ, ଶିବଲିଙ୍ଗ ପୂଜା କରିବାର ପରମ୍ପରା ଆରମ୍ଭ ହୋଇଥିଲା ।*

# ଜୀବନକୁ ଅର୍ଥପୂର୍ଣ୍ଣ କରେ ପବିତ୍ର ଶାସ୍ତ୍ର



**ଭି**ନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା 'ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ବିଷୟ ରହିଥାଇପାରେ କିମ୍ବା ନ ଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନୀତି, ଧର୍ମୋପଦେଶ, ଅତ୍ୟଧିକ ସମ୍ମାନ , ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି । ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତିମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକ ଅନୁଶାସନ ଅଟେ । ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ ।ସେମାନେ "ମହା ବିସ୍ଫୋଟ ସିଦ୍ଧାନ୍ତ" ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାରର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାନ୍ତି । ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ । ଆଧ୍ୟାତ୍ମିକ ଜଗତରେ, ମୁକ୍ତ ଆତ୍ମା ଗୁଡିକର ଭଗବାନଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ । ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ-ପ୍ରଧାନ ଅଟନ୍ତି । ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖନ୍ତି ।



ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି । ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍ ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ....'ଯାବଜ୍ଜୀବେତ ସୁଖଂ ଜୀବେତ୍ ?, ଋଣମ୍ କୃତ୍ୱା ଘୃତଂ ପିବେତ୍ ଭସ୍ମୀ ଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ' । ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ୍ୟ, ତାହା କର । ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି । ସେଥିପାଇଁ ସେମାନେ ନିର୍ଦ୍ୱନ୍ଦ୍ୱରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି । ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି । ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି । ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବ ଯୁକ୍ତ ଥିଲେ ।

***ଡଃ ଅମୂଲ୍ୟ କୁମାର ପଣ୍ଡା***
***ମୋ - ୮୨୪୯୫୦୨୭୭୬***

## ରବିଧାନ ଉଠାଣରେ ବିଳମ୍ୱ, ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

କଳାହାଣ୍ଡି,(ନିପ୍ର): ମ. ରାମପୁର ବ୍ଲକର ଅଳାପାଲି ଓ ବମକ ମଣ୍ଡିରେ ଚାଷୀଙ୍କ ଚିନ୍ତା ବଢ଼ାଇଛି ଧାନ ଉଠାଣର ବିଳମ୍ୱ । ମଣ୍ଡିରେ ୧୦ ହଜାରରୁ ଅଧିକ କ୍ୱିଣ୍ଟାଲ ଧାନ ପଡ଼ି ରହିଥିବା ବେଳେ କାଳବୈଶାଖୀର କରାଳ ରୂପ ଅସମୟ ବର୍ଷାରେ ଧାନ ଭିଜି ନଷ୍ଟ ଧାନରେ ଗଜା ହୋଇଗଲାଣି । ମିଲର, ସମବାୟ ସମିତି କିମ୍ୱା ଯୋଗାଣ ବିଭାଗର କୌଣସି ଅଧିକାରୀଙ୍କ ଦେଖା ନ ମିଳିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ନିଜର କଷ୍ଟ ଉପାର୍ଜିତ ଫସଲର ସୁରକ୍ଷା ଓ ଶୀଘ୍ର ଉଠାଣ ଦାବି କରି ଶହ ଶହ ଚାଷୀ ଗୋପାଳପୁର -ରାୟପୁର ୫୯ ନମ୍ବର ଜାତୀୟ ରାଜପଥରେ ଧାନ ବସ୍ତା ରଖି ଶାନ୍ତିଶୃଙ୍ଖଳା ରକ୍ଷାଏ ରାସ୍ତା ଅବରୋଧ କରିଛନ୍ତି । ଫଳରେ ଶହଶହ ଯାନବାହନ ରାସ୍ତା କଡ଼ରେ ଅଟକି ରହିଛି । ଯାତ୍ରୀମାନଙ୍କ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମ, ରାମପୁର ବ୍ଲକ କଂଗ୍ରେସ ସଭାପତି ରୁଦ୍ର ପ୍ରତାପ ସିଂହ, ଚାଷୀ ନେତ ତୁମ୍ଭେଶ୍ୱର ସାହୁ, ନିଗମାନନ୍ଦ ସାହୁ,ଖିରସାଗର ସାହୁ, ମିନକେତନ ସାହୁ,ଶତ୍ରୁଘ୍ନ ସାହୁ, ଝସକେତନ ସାହୁ ପ୍ରମୁଖ ଶହଶହ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ଜଟଣୀ,(ନିପ୍ର): ପୌରାଞ୍ଚଳ ଅନ୍ତର୍ଗତ ୮ ନମ୍ବର ୱାର୍ଡ଼ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ କାଉନସିଲରଙ୍କ ମିଳିତ ସହଯୋଗରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରାୟ ଏକ ଶହ ପାଖାପାଖି ଲୋକମାନେ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ଯେଉଁମାନଙ୍କୁ ଦୂର ଦେଖିବା , ଛୋଟ ଛୋଟ ଅକ୍ଷର ପଢ଼ିବା, କିମ୍ୱା ଅନ୍ୟ କୌଣସି ବି ଅସୁବିଧା ହେଉଛି ଓ ସେମାନଙ୍କୁ ପାୱାର ଚଷମା ଆବଶ୍ୟକ ହେଉଛି ସେମାନଙ୍କୁ ସୁଲଭ ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା । ଏଥିସହିତ ମୋତିଆ ବିନ୍ଦୁ ହୋଇଥିବା ଲୋକମାନଙ୍କୁ ଅସ୍ତ୍ରପଚାର ପାଇଁ ପରାମର୍ଶ ଦିଆଯାଇଥିଲା ।

## ଶିଶୁ ଶ୍ରମ ବିରୋଧରେ ସଚେତନତା

ଭଦ୍ରକ,(ନିପ୍ର): ଶିଶୁ ଅଧିକାର ସୁରକ୍ଷା ଏବଂ ନାଲସା ଯୋଜନା, ୨୦୨୪ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସହିତ ' ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ' କାଞ୍ଚିଆପାଳ ଅନ୍ତର୍ଗତ ମହାପୁରୁଷ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ ଶିଶୁ ଶ୍ରମିକ ପ୍ରଥା ହେଉଛି ଜାତୀୟ ବିକାଶର ମୁଖ୍ୟ ପ୍ରତିବନ୍ଧକ । ଶିଶୁଟିଏ କାମ କରିବା ପାଇଁ ନୁହେଁ, ବରଂ ପାଠ ପଢ଼ି ଦେଶର ଭବିଷ୍ୟତ ଗଢ଼ିବା ପାଇଁ ଜନ୍ମ ହୋଇଥାଏ । ମୁଖ୍ୟ ବକ୍ତା ଭାବେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ଆଲୋଚନା କରିଥିଲେ ଯେ ଭାରତରେ ଶିଶୁ ଶ୍ରମିକ ପ୍ରସଙ୍ଗ, ଆଇନ ଏବଂ ନୀତି ଅନୁଯାୟୀ, ପିଲାମାନଙ୍କୁ ନିଯୁକ୍ତି ଦେବା ଏକ କଠୋର ଅପରାଧ । ନିଯୁକ୍ତିଦାତାମାନଙ୍କୁ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ତଥା ଜୋରିମାନା ଦେବାକୁ ପଡିପରେ । ପୁନରାବୃତ୍ତି ଅପରାଧୀମାନଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଅଧିକ ଜେଲଦଣ୍ଡ ହୋଇପାରେ । ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଭଦ୍ରକ, ଆଶ୍ରମର, ସମ୍ପାଦକ, ନକୁଳ ଚରଣ ପାତ୍ର, ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ପରିଚାଳନାରେ ସହଯୋଗ କରିଥିଲେ ।

## ବିଧାୟକଙ୍କ ଦ୍ୱାରା ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ପରିଦର୍ଶନ

କାଶୀନଗର(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଖରଡା ପଞ୍ଚାୟତ ଗାଇବା ଯିବା ରାସ୍ତାରେ ଥିବା ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ପରିଦର୍ଶନ କଲେ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ, ପ୍ରଥମେ ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ମ୍ୟାନେଜର ପି ଅଭିରାମ ବିଧାୟକଙ୍କୁ ଫୁଲ ତୋଡା ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ କମ୍ପାନୀ ପରିସର ମଧ୍ୟରେ ଥିବା ସମସ୍ତ ଯନ୍ତ୍ରପାତି କିଭଳି କାର୍ଯ୍ୟକାରୀ ବିଧାୟକଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ, ଏହି କମ୍ପାନୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ପ୍ରଥମେ ରାୟଗଡ଼ା ଠାରେ ଥିବା ନାଲକୋକୁ ପାଇପ ମାଧ୍ୟମରେ ଗ୍ୟାସ ଯୋଗାଇବ, ପରେ ଜନସାଧାରଣ ପାଇଁ ମେଡ଼ିକାଲ ଛକ ଠାରେ ଥିବା ଗେଲ ଇଣ୍ଡିଆ ଲିମିଟେଡ ଜରିଆରେ ସମସ୍ତ ଘରେ ପାଇପ ମାଧ୍ୟମରେ ଗ୍ୟାସ ଯୋଗାଇଦିଆଯିବ ବୋଲି ଗେଲର ମ୍ୟାନେଜର ଜଣାଇଛନ୍ତି । ବିଧାୟକ ଏହିସବୁ କାର୍ଯ୍ୟ ତୁରନ୍ତ କାର୍ଯ୍ୟ ସାରି ଜନସାଧାରଣ ଘରେ ଘରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଗେଲ ଇଣ୍ଡିଆ ଲିମିଟେଡ କମ୍ପାନୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଲେ ପାଇପ ମାଧ୍ୟମରେ ଗ୍ୟାସ ପ୍ରାୟ ଦକ୍ଷିଣ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ ର ଶ୍ରୀକାକୁଲମ ପ୍ରଯନ୍ତ ସୁବିଧା ପାଇପାରିବେ ଉପଭୋକ୍ତା ମାନେ, ଏହି ଭଳି ଉଚ୍ଚଧରଣର କାର୍ଯ୍ୟ କରିଥିବାରୁ ଗେଲ ଇଣ୍ଡିଆ କୁ ଧନ୍ୟବାଦ୍ ଜଣାଇଛନ୍ତି ବିଧାୟକ ।

## କାଶୀନଗର ଠାରେ କିଶୋରୀ ମେଳା

କାଶୀନଗର (ନିପ୍ର): କାଶୀନଗର ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସି ଡ଼ି ପି ଓ କେ. କୋଟେଶ୍ୱରୀ ଦେବୀଙ୍କ ଅଧକ୍ଷତାରେ କିଶୋରୀ ବାଳିକାମାନଙ୍କୁ ନେଇ କିଶୋରୀ ମେଳା ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କିଶୋରୀମାନଙ୍କ ଓଜନ, ଉଚ୍ଚତା ଓ ଶାରୀରିକ ପରୀକ୍ଷା ସ୍ଥାନିୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରିବା ପରେ କୋଶରୀ ବାଳିକା ମାନଙ୍କୁ ନେଇ ବତକୃତା, ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗୀ କରାଯାଇଥିଲା. କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ହୃଷିକେଶ ଗୌଡ଼ ଉପସ୍ଥିତ ଥିଲେ ।

## ମକ୍ରାଗୁଡ଼ାରେ ପିଇବା ପାଣି ପାଇଁ ରାସ୍ତା ଅବରୋଧ

# ଫ୍ଲୋରାଇଡ୍ ଯୁକ୍ତ ପାଣି ପିଇ ଲୋକେ ହନ୍ତସନ୍ତ, କିଡନୀ ରୋଗରେ ଗଲାଣି ଦୁଇ ଜୀବନ !



ଗୋଲାମୁଣ୍ଡା(ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଲେଟେର ଗ୍ରାମ ପଞ୍ଚାୟତ ଅଧୀନ ମକ୍ରାଗୁଡା ଗ୍ରାମରେ ଦୀର୍ଘ ଦିନ ଧରି ଶୁଦ୍ଧ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଜଳ ଜୀବନ ମିଶନ ଯୋଜନା ଅନୁସାରେ ପ୍ରତ୍ୟେକ ଘରକୁ ପାଣି ପହଞ୍ଚାଇବାର ଲକ୍ଷ୍ୟ ଥିଲେ ମଧ୍ୟ ଏହି ଗ୍ରାମରେ ଯୋଜନା କେବଳ କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହେଉଛି । ଗ୍ରାମବାସୀମାନେ ଫ୍ଲୋରାଇଡ୍ ଯୁକ୍ତ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଥିବା ବେଳେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ କିଡନୀ ରୋଗରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବାରୁ ଗ୍ରାମରେ ଭୟ ଓ ଅସନ୍ତୋଷ ବଢ଼ିଛି । ପାଣି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଗ୍ରାମବାସୀମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ । ତୁରନ୍ତ ଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି ଆସୁଛନ୍ତି ।

ଗ୍ରାମବାସୀଙ୍କ କହିବା ଅନୁସାରେ, ପାଞ୍ଚ ବର୍ଷ ପୂର୍ବରୁ ଅନେକ ଥର ଜୁନାଗଡ଼ ବିଧାୟକ,ପ୍ରଶାସନ ଓ ବିଭାଗୀୟ ସହକାରୀ ଯନ୍ତ୍ରୀ ଧର୍ମଗଡ଼, କନିଷ୍ଠ ଯନ୍ତ୍ରୀ ଗୋଲାମୁଣ୍ଡାଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ । ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ସରକାର ଓ ପ୍ରଶାସନ ନ ଶୁଣିବାରୁ ମାକ୍ରାଗୁଡା ଗ୍ରାମବାସୀ ଓ ମହିଳାମାନେ ରାସ୍ତାରେ ଗରା ମାଠିଆ ରଖି ସକାଳ ୬ ଘଟିକାରୁ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ । ଯାହାକୁ ନେଇ ରାସ୍ତାରେ ଯାତାୟାତ କରୁଥିବା ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଖବର ପାଇ ଘଟଣାସ୍ଥଳରେ କେଗାଁ ପୁଲିସ ପହଞ୍ଚି ନିୟନ୍ତ୍ରଣ ରଖିଥିବା ବେଳେ ଗୋଲାମୁଣ୍ଡା ତହସିଲଦାର , ଅତିରିକ୍ତ ବିଡ଼ିଓ ଗୋଲାମୁଣ୍ଡା,ଧର୍ମଗଡ଼ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ,କନିଷ୍ଠ ଯନ୍ତ୍ରୀ , ସରପଞ୍ଚ ଓ ପେଇଓ ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ । ଦୁଇ ମାସ ଭିତରେ ପିଇବା ପାଣି ଯୋଗାଇ ଦେବାକୁ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧରୁ ହଟିଥିଲେ ।

## ୫ଦଫା ଦାବିନେଇ ଡ୍ରାଇଭର ମହାସଂଘ ପକ୍ଷରୁ ବିକ୍ଷୋଭ



ରାୟଗଡ଼ା,(ନି:ପ୍ର): ଅଟୋ ଓ ପ୍ରାଇଭେଟ ଗାଡିର ବୃତ୍ତିଗତ ଡ୍ରାଇଭରମାନେ ଏକ ବିଶାଳ ଶୋଭାଯାତ୍ରାରେ ଆସି ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ର ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ୫ଦଫା ସମ୍ବଳିତ ଦାବି ପତ୍ର ରାୟଗଡା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି ।

ଯଥାଶୀଘ୍ର ଦାବିଗୁଡିକର ସମାଧାନ କରିବା ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଏକ ଆବେଦନ ପତ୍ର ଜରିଆରେ ନିବେଦନ ଏବଂ ଅବଗତ କରାଇଛନ୍ତି । ଉକ୍ତ ଦାବିଗୁଡିକ ମଧ୍ୟରେ ରାୟଗଡା ଜିଲ୍ଲା ଡ୍ରାଇଭର ମହାସଙ୍ଘର କାର୍ଯ୍ୟକର୍ତ୍ତାମାନେ ରାୟଗଡା ଜିଲ୍ଲା ଓଡ଼ିଶା ଡ୍ରାଇଭର ମହାସଂଘର ଜିଲ୍ଲା ଶାଖା ସମ୍ପାଦକ ବୀରେନ୍ଦ୍ର ପ୍ରସାଦ ତୁରୁକ ଓ ଉପଦେଷ୍ଟା ଓଡିଶା ଡ୍ରାଇଭର ମହାସଂଘ ଜିଲ୍ଲା ଶାଖା, ରାୟଗଡ଼ଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରି ସହରର ମୁଖ୍ୟ ମାର୍ଗ ଦେଇ ଆସିବା ବେଳେ ବିକ୍ଷୋଭ ପ୍ରଦର୍ଶନ ଓ ନାରାବାଜି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ର ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାପରେ ସେମାନେ ଏକ ପାଞ୍ଚ ଦଫା ସମ୍ବଳିତ ଏକ ଦାବିପତ୍ର ରାୟଗଡା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଆବେଦନ ପ୍ରଦାନ କରି ଦାବିଗୁଡିକ ପୂରଣ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ । ଡ୍ରାଇଭର ମହାସଂଘ, ରାୟଗଡା ଜିଲ୍ଲା ଶାଖା ସେଥିରେ ଦର୍ଶାଇଛନ୍ତି ଯେ, ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ ଅଟୋ ଓ ବୃତ୍ତିଗତ ଡ୍ରାଇଭରମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା, ଦ୍ୱିତୀୟରେ ନିର୍ବାଚନରେ ଡ୍ରାଇଭରମାନେ ଭୋଟ ଦେବାଭଳି ସା ମ୍ୱିଧାନିକ ଅଧିକାରରୁ ବଞ୍ଚିତ ରହି ଆସୁଥିବା ବେଳେ ସେମମାନଙ୍କୁ ଭୋଟ ଦେବା ଅଧିକାର ନ୍ୟସ୍ତ କରିବା ସହିତ ସମସ୍ତ ଡ୍ରାଇଭର ମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା ସହିତ ଅନ୍ୟାନ୍ୟ ଦାବୀ ଗୁଡିକୁ ବିଚାରକୁ ନେଇ ଆଗାମୀ ୯୦ ଦିନ ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ନଚେତ ସମଗ୍ର ଡ୍ରାଇଭର ସମାଜ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି । ଏଣୁ ସେମାନଙ୍କର ସମସ୍ୟାର ସମାଧାନ ଯଥାଶୀଘ୍ର ହୋଇପାରିଲେ ସେମାନେ ଉପକୃତ ହେବେ ବୋଲି ଆବେଦନ ପତ୍ର ମାଧ୍ୟମରେ ଓଡିଶା ଡ୍ରାଇଭର ମହାସଂଘ, (ରାୟଗଡା ଜିଲ୍ଲା ଶାଖା) ନିବେଦନ କରିଛନ୍ତି ।

## ବାର୍‌ହା ଆକ୍ରମଣରେ ୮ ଗୁରୁତର

ଆସିକା,(ନିପ୍ର): କୋଟିନଡା ଥାନା ଅନ୍ତର୍ଗତ ହରିଡ଼ା ପଦର ଗ୍ରାମରେ ବାରହା ଆତଙ୍କ । ଜଙ୍ଗଲୀ ବାରହା ଆକ୍ରମଣରେ ୮ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଗୁରୁତର ହୋଇ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରକାଶ ଥାଉକି ଆଜି ସକାଳୁ ଆସିକା ବ୍ଲକ କୁମ୍ଭାରୀ ଓ ହରିଡ଼ା ପଦର ଅଞ୍ଚଳର ଜଣେ ମହିଳା ନିଜ ବିଲକୁ କାମ କରିବାକୁ ଯାଉଥିବା ସମୟରେ ବୁଦା ମୂଳରେ ଲୁଚିଥିବା ଏକ ବାରହା ହଠାତ ମହିଳାକୁ ଆକ୍ରମଣ କରିଥିଲା । ମହିଳାକୁ ବାରହା କବଳରୁ ରକ୍ଷା କରିବାକୁ ଯାଇଥିବା ଅନ୍ୟ ଜଣେ ଗ୍ରାମବାସୀ ମଧ୍ୟ ବାରହା ଆକ୍ରମଣର ଶିକାର ହୋଇଥିଲେ ପରେ ପରେ ଶୌଚ ହେବା ପାଇଁ ଯାଉଥିବା ଗ୍ରାମବାସୀ ମାନଙ୍କୁ ବାରହାଟି ଆତକ୍ରିତ ଆକ୍ରମଣ କରିଥିଲା । ବାରହା ଆକ୍ରମଣ ଫଳରେ ଉକ୍ତ ଗ୍ରାମର ଦଣ୍ଡପାଣି ସାହୁ,ସଜନୀ ଗୌଡ଼, ସୂର୍ଯ୍ୟ କାଜି, ସୁରେନ୍ଦ୍ର ରଣା, ମିଟୁ ଗୌଡ଼, ପରି ଆଠରୁ ଉର୍ଦ୍ଧ ଗ୍ରାମବାସୀ ଗୁରୁତର ହୋଇଥିଲେ ।

## ବ୍ଲକ୍‌ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ମହିଳାମାନେ ଆତ୍ମ ନିର୍ଭରଶୀଳ, ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ହୁଅନ୍ତୁ

ରେଢ଼ାଖୋଲ, (ନିପ୍ର): ସମୃଦ୍ଧ ଓଡିଶା ଗଠନ ପାଇଁ ମହିଳାମାନେ ସ୍ୱାବଲମ୍ବୀ ସହ ଉଦ୍ୟୋଗୀ ହୋଇ ଆତ୍ମ ନିର୍ଭରଶିଳ ହେବା ସହ ଅନ୍ୟମାନଙ୍କୁ ଦିଅନ୍ତୁ ବୋଲି ରେଢ଼ାଖୋଲ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ବ୍ଲକସ୍ତରୀୟ ଲକ୍ଷ ପତି ଦିଦି କର୍ମଶାଳାରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଜୀବିକା ମିଶନ ରେଢ଼ାଖୋଲ ବ୍ଲକ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ମୁଖ୍ୟ ଅତିଥି, ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏନଏସି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା, ବିଜେପି ନେତ୍ରୀ ସୁଷମା ମୁଣ୍ଡା, ସିଡିପିଓ ଆରତୀ ମିଶ୍ର, କୃଷି ବିଭାଗ ଅଧିକାରୀ ସମଲେଇ ପ୍ରସାଦ ପରିଡ଼ା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ମହିଳା ମାନଙ୍କୁ ସଶକ୍ତି କରଣ କରିବା ସହ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ କେନ୍ଦ୍ର ସରକାରଙ୍କ ଏହି ଲକ୍ଷପତି ଯୋଜନା ମହିଳାମାନଙ୍କ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ରୁ ଉର୍ଦ୍ଧ ସ୍ୱୟ ସହାୟକ ଗୋଷ୍ଠୀ ଯୋଗ ଦେଇ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରୟ ଷ୍ଟଲ ଖୋଲି ଥିଲେ ।

## କାଳବୈଶାଖୀରେ ସମ୍ପୂର୍ଣ୍ଣ ଭାଙ୍ଗିଲା କୁକୁଡ଼ା ଫାର୍ମ: ଲକ୍ଷାଧିକ ଟଙ୍କାର କ୍ଷତି



ଆସିକା(ନିପ୍ର): ଆସିକା ବ୍ଲକରେ ଗୁରୁବାର ଅପରାହ୍ନରେ ଝଡବର୍ଷାର ତାଣ୍ଡବ ଦେଖିବାକୁ ମିଳିଥିଲା । ଅପରାହ୍ନ ପ୍ରାୟ ୩ ଟାରେ ହଠାତ ପବନର ବେଗ ବଢ଼ି ଧୀରେଧୀରେ ବର୍ଷା ଆରମ୍ଭ ହୋଇଥିଲା । ଫଳରେ, କଳାବୈଶାଖୀରେ ଆସିକା ବ୍ଲକର ବ୍ୟାପକ କ୍ଷୟକ୍ଷତି ହୋଇଛି । ବଡ଼ ବଡ଼ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି ତ କେଉଁଠି ଆଜବେଷ୍ଟସ ଉଡି ବ୍ୟାପକ କ୍ଷତି ହୋଇଛି ଏବଂ ଅନେକ ଲୋକଙ୍କର ବିଜୁଳି ଓ ଘଡଘଡିରେ ଟିଭି, ଫ୍ରିଜ, ଇନଭର୍ଟର, ଫ୍ୟାନ ପୋଡି ଯାଇଥିବା ଦେଖାଦେଇଛି । ଗଛ ଭାଙ୍ଗି ବିଦ୍ୟୁତ ସରବାରହ ସମ୍ପୂର୍ଣ୍ଣ ଠପ ହୋଇଥିଲା । ହରିଡ଼ା ପଦର ପଞ୍ଚାୟତ ଭେଙ୍କରରାଇ ପଲ୍ଲୀ ଗ୍ରାମରେ ଅରୁଣ କୁମାର ସ୍ୱାଇଁଙ୍କ କୁକୁଡ଼ା ଫାର୍ମର ଆଜବେଷ୍ଟ ଉଡି ସମ୍ପୂର୍ଣ୍ଣ ଫାର୍ମଟି ଧ୍ୱଂସ ବିଧ୍ୱଂସ ହୋଇଯାଇଛି । ଲକ୍ଷାଧିକ ଟଙ୍କା ଋଣ କରି ତିଆରି କରିଥିବା ଫାର୍ମ ଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ରୁଜି ଯାଇଛି । ବର୍ତ୍ତମାନ ଅରୁଣ ଆଣିଥିବା ବ୍ୟାଙ୍କ ଋଣ ଲୋକଙ୍କ ଠାରୁ ଆଣିଥିବା ହାତ ଉଧାରୀ ଟଙ୍କା କେମିତି ସୁଝିବେ ତାହା ବର୍ତ୍ତମାନ ତାଙ୍କ ପାଇଁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଶାସନ ପକ୍ଷରୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଦାବୀ ହେଉଛି ।

# ବସୁଧା ଯୋଜନା କାହାପାଇଁ: ୩ ମାସ ହେଲା ବନ୍ଦ ରହିଛି



କେସିଙ୍ଗା(ନିପ୍ର) : ସରକାରଙ୍କ 'ଘରକୁ ଘର ପାଣି' ସ୍ୱପ୍ନକୁ ସାକାର କରିବା ପାଇଁ ବସୁଧା ଯୋଜନା ଅଧୀନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ । ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମରେ ବସୁଧା ଯୋଜନା ଲୋକଙ୍କ ପାଇଁ କେବଳ ନାମକୁ ମାତ୍ର ସୀମିତ ହୋଇ ରହିଛି । ଗ୍ରାମର ପ୍ରତ୍ୟେକ ଘରକୁ ପାଣି ପାଇପ ସଂଯୋଗ ଦିଆଯାଇଥିଲେ ମଧ୍ୟ ଲୋକମାନେ ବୁନ୍ଦାଏ ପାଣି ପାଉ ନାହାନ୍ତି । ଗତ ତିନି ମାସ ଧରି ବସୁଧା ଯୋଜନା ମାଧ୍ୟମରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଗ୍ରାମବାସୀ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଖରା ଓ ଗ୍ରୀଷ୍ମପ୍ରବାହ ସମୟରେ ଏହି ସମସ୍ୟା ଅଧିକ ଗୁରୁତର ହୋଇପଡ଼ିଛି । ପାଣି ଅଭାବ ଯୋଗୁଁ ମହିଳା ଓ ଶିଶୁମାନଙ୍କୁ ଦୂରଦୂରାନ୍ତରୁ ପାଣି ଆଣିବାକୁ ପଡୁଛି । ତୀବ୍ର ଖରାରେ ଘରୁ ବାହାରିବା ମୁସ୍କିଲ ହେଉଥିବା ବେଳେ ପାଣି ପାଇଁ ଲୋକମାନେ ଦିନକୁ ଅନେକଥର ଦୂର ସ୍ଥାନକୁ ଯାଉଛନ୍ତି । ଏଥିରେ ସେମାନଙ୍କ ସମୟ ଓ ଶ୍ରମ ଉଭୟ ନଷ୍ଟ ହେଉଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ନେଇ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରାଯାଇ ନାହିଁ । ପାଇପ ଲାଗିଛି, ଟ୍ୟାଙ୍କି ନିର୍ମାଣ ହୋଇଛି, କିନ୍ତୁ ପାଣି ନ ଆସିବାରୁ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନାର ସଫଳତା ଉପରେ ପ୍ରଶ୍ନ ଉଠିଛି । ସରକାର ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବାଲସି ଗ୍ରାମରେ ଏହାର ସୁଫଳ ଲୋକଙ୍କୁ ମିଳୁ ନାହିଁ । ଏଭଳି ପରିସ୍ଥିତିରେ 'ବସୁଧା ଯୋଜନା କାହାପାଇଁ' ବୋଲି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାମବାସୀମାନେ ଶୀଘ୍ର ପାଣି ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବା ସହ ଦାୟୀ ଅଧିକାରୀମାନଙ୍କ ଦୃଷ୍ଟିଆକର୍ଷଣ କରି ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଆନ୍ଦୋଳନର ପନ୍ଥା ଆପଣାଇବାକୁ ବାଧ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

## ବ୍ଲକ୍‌ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ମହିଳା ହେବେ ଆତ୍ମନିର୍ଭରଶୀଳ

ରେଢ଼ାଖୋଲ,(ନିପ୍ର): ସମୃଦ୍ଧ ଓଡିଶା ଗଠନ ପାଇଁ ମହିଳାମାନେ ସ୍ୱାବଲମ୍ବୀ ସହ ଉଦ୍ୟୋଗୀ ହୋଇ ଆତ୍ମନିର୍ଭରଶିଳ ହେବା ସହ ଅନ୍ୟମାନଙ୍କୁ ପାଇଁ ଉଦାରହଣ ସାଜିଛନ୍ତି । ବ୍ଲକସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ସରକାରଙ୍କ ମିଶନଶକ୍ତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଜୀବିକା




ମିଶନ ରେଢ଼ାଖୋଲ ବ୍ଲକ୍ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ଯୋଗ ଦେଇଥିଲେ । ଏଥିରେ ସମ୍ମାନନୀୟ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ୍ ଅଧକ୍ଷ ପ୍ରଦୀପ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତି, ଶିଶୁ ବିକାଶ ବିଭାଗ ଅଧିକାରୀ ଆରତୀ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା, ଉପାଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସମ୍ବଲପୁର ସୁଷମା ମୁଣ୍ଡା, କୃଷି ବିଭାଗ ଅଧିକାରୀ ସମଲେଇ ପ୍ରସାଦ ପରିଡ଼ା ପ୍ରମୁଖ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ମହିଳା ମାନଙ୍କୁ ସଶକ୍ତି କରଣ କରିବା ଶହ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ କେନ୍ଦ୍ର ସରକାରଙ୍କ ଏହି ଲକ୍ଷପତି ଯୋଜନା ମହିଳା ମାନଙ୍କ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ବୋଲି ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ସଂୟ ସହାୟକ ଗୋଷ୍ଠୀ ମହିଳାମାନେ ଯୋଗଦେଇ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରୟ ଷ୍ଟଲ ଖୋଲିଥିଲେ । ଏହି ଅବସରରେ ଶ୍ରେଷ୍ଠ ଏସଏଚଜି ଭାବରେ ଏନଏସି ୱାର୍ଡ ନଂ ୧୧ ବିଶ୍ୱ ସଂୟ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

## ଆମ ଆଦମୀ ପାର୍ଟି ପକ୍ଷରୁ ବିକ୍ଷୋଭ

ରାୟଗଡା,(ନି:ପ୍ର): ଆମ ଆଦମୀ ପାର୍ଟି ରାୟଗଡା ଜିଲ୍ଲା ଶାଖା ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜାରିକରି ପାର୍ଟିର ରାଜ୍ୟ ସଂଗଠନ (ସମ୍ପାଦକ) ପ୍ରବକ୍ତା, ଓଡିଶା ସଭାପତି ଜନ୍ମେଜୟ ସ୍ୱାଇଁ ଜଣାଇଛନ୍ତି ଯେ, ଦେଶରେ ନିଟ ପରୀକ୍ଷା ପତ୍ର ଲିକ ଏବଂ ସିବିଏସଇ ପରୀକ୍ଷା ପତ୍ର ମୂଲ୍ୟାଙ୍କନ ରେ ତ୍ରୁଟି ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି । ନିଟ ପରୀକ୍ଷା ବାତିଲ ହେବାପରେ




ପ୍ରାୟ ୧୭ ଜଣ ଛାତ୍ରୀ ଛାତ୍ର ଆତ୍ମହତ୍ୟା କରିଛନ୍ତି । ବାରମ୍ବାର ପେପର ଲିକ ଆଉ ଛାତ୍ର ଛାତ୍ରୀ ମାନେ ଅସହ୍ୟ ଯନ୍ତ୍ରଣା ପାଉଥିବା ବେଳେ କେନ୍ଦ୍ର ସରକାର ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ।

## ଚିଲିକା ମଇଁଷି ଦହିକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବି

କୃଷ୍ଣପ୍ରସାଦ(ନିପ୍ର): ଓଡିଶା ପ୍ରାଣୀ ସମ୍ପଦ ବିକାଶ ସମିତି ଏବଂ ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଙ୍ଘ ଆନୁକୂଲ୍ୟରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ଉଦୟନାଥ ପାଠାଗାରରେ ବ୍ଲକ ଅଧିନସ୍ଥ ଚିଲିକା ମଇଁଷି ପାଳକ ସଂଘର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଚିଲିକା ମଇଁଷିର ସରଂକ୍ଷଣ ଏବଂ ଚିଲିକା ମଇଁଷି କ୍ଷୀର କିପରି ଅଲଗା ସଂଗ୍ରହ କରାଯିବ ତା ବିଷୟରେ ଆଲୋଚନା କରିଥିଲେ । ଏବଂ ଏହାର ସଠିକ ମୂଲ୍ୟ କିପରି ମଇଁଷି ଚାଷୀମାନେ ପାଇ ପାରିବେ ତା ବିଷୟରେ ମଧ ଆଲୋଚନା ହୋଇଥିଲା । ଚିଲିକା ମଇଁଷି ଦହି କିପରି ଜିଆଇ ଟ୍ୟାଗ ପାଇ ପାରିବ ସେ ଦିଗରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା ।



ଅନୁଗୁଳଠାରେ ଆୟୋଜିତ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନ ଅବସରରେ ମୁଖ୍ୟ ଅତିଥି ସମାଜସେବୀ ପ୍ରମୋଦ ବେହେରା । (ଫଟୋ: ଶୁଭମ୍)

## ମା' ଉଗ୍ରତାରାଙ୍କ ଲୌହ ତୋରଣର ରଙ୍ଗ କାର୍ଯ୍ୟ ଆରମ୍ଭ

ନିରାକାରପୁର,(ନିପ୍ର): ଦୀର୍ଘ ଦିନର ପ୍ରତୀକ୍ଷା ଓ ପ୍ରୟାସ ପରେ ଶେଷରେ ପୂର୍ଣ୍ଣ ହେବାକୁ ଯାଉଛି ସାମାଜିକ ସଂଗଠନ 'ସହଯୋଗ' ପରିବାରର ମନସ୍କାମନା । ଖୋର୍ଦ୍ଧା ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ଉଗ୍ରତାରା ଛକ ନିକଟରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା' ଉଗ୍ରତାରାଙ୍କ ମୁଖ୍ୟ ଲୌହ ତୋରଣର ସେବା ଓ ରଙ୍ଗ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ଏହି ପ୍ରବେଶ ତୋରଣଟି ଦୀର୍ଘ ଦିନ ହେବ ଅତ୍ୟନ୍ତ ଦୟନୀୟ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହି ଭକ୍ତମାନଙ୍କୁ ସ୍ୱାଗତ କରୁଥିଲା । ଏହାର ପୁନରୁଦ୍ଧାର ଓ ରଙ୍ଗ କାର୍ଯ୍ୟ ପାଇଁ ସ୍ଥାନୀୟ ଅଗ୍ରଣୀ ସଂଗଠନ 'ସହଯୋଗ' ତରଫରୁ ଦୀର୍ଘ ଦିନ ହେବ ପ୍ରୟାସ ଜାରି ରହିଥିଲା । ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତିମାନଙ୍କ ସହଯୋଗ ଲୋଡ଼ା ଯାଇଥିଲା । ଶେଷରେ 'ସହଯୋଗ'ର ଏହି ମହତ ପ୍ରୟାସକୁ ସଫଳତା ମିଳିଛି । ମା' ଉଗ୍ରତାରାଙ୍କ ଜଣେ ପରମ ଭକ୍ତ ତଥା ଯୁବ ବଦାନ୍ୟ ବ୍ୟକ୍ତି ଏହି ତୋରଣର ସମ୍ପୂର୍ଣ୍ଣ ରଙ୍ଗ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି ଏବଂ ଏହି କାର୍ଯ୍ୟ ଏବେ ସୁରୁଖୁରୁରେ ଆରମ୍ଭ ହୋଇଛି ।

ତିଥି :(ତ୍ରୟୋଦଶୀ): (କୃତ୍ତିକା ମେଷ)
ଅମୃତ ବେଳା: ଦିବା ଘ ୨।୪୬ ଗତେ ଘ ୫।୧୦ ମଧ୍ୟେ

## ଆଜିର ଅନୁଚିନ୍ତନ

ନିଜକୁ ସର୍ବଦା ପରମାତ୍ମାଙ୍କ ଠାରେ ସଂଯୁକ୍ତ କରିଥିବା ପାପରହିତ ଯୋଗୀ ସହଜରେ ବ୍ରହ୍ମପ୍ରାପ୍ତିରୂପକ ଆତ୍ୟନ୍ତିକ ସୁଖ ଅନୁଭବ କରେ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଖଳନାୟକ ଟ୍ରମ୍ପ !

ମଧ୍ୟପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ହର୍ମୁଜ ପ୍ରଣାଳୀ ଖୋଲା ରହିଥିଲା । ସବୁ କିଛି ଠିକ୍ ଚାଲିଥିଲା । ଏହି ଜଳପଥ ଦେଇ ତୈଳ କାରବାର ବେଶ୍ ସୁରୁଖୁରୁରେ ଚାଲିଥିଲା । କୌଣସି ଅସୁବିଧା ଉପୁଜି ନଥିଲା । ମାତ୍ର ଯେବେଠୁଁ ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଇରାନ ଆକ୍ରମଣ କଲେ ତାହା ପରଠାରୁ ସୂତ୍ରପାତ ହୋଇଥିବା ଯୁଦ୍ଧର ନାଁ ହେଲା ମଧ୍ୟପ୍ରାଚ୍ୟ ଓ ଯୁଦ୍ଧର ଜଟିଳତା କ୍ରମଶଃ ବଢ଼ିବା ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ହିଁ ଦାୟୀ, ଏହା ସର୍ବବିଦିତ । ତେଣେ ସମଗ୍ର ବିଶ୍ୱ ତାଙ୍କୁ ଏବେ ଖଳନାୟକ ଦୃଷ୍ଟିରେ ହିଁ ଦେଖୁଛି ।

ନିକଟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଚେତାବନୀ ଦେଲେ ଯେ ଆମର ଶକ୍ତିଶାଳୀ ବାହିନୀ ଯେକୌଣସି ଆକ୍ରମଣ ହେଉ ପଛକେ ଅବା ଯେକୌଣସି ଧମକ ତାହାର ଉପଯୁକ୍ତ ଜବାବ ଦେବାକୁ ପଛାଇବ ନାହିଁ । ଯଦି ଆମେରିକା ସୁରକ୍ଷିତ ଭାବରେ ରହିବାକୁ ଚାହୁଁଛି ତେବେ ଆମ ଅଞ୍ଚଳ ଛାଡ଼ିଦେଉ । ହର୍ମୁଜ ଠାରୁ ଦୂରେଇ ରହୁ । କୂଟନୀତିର ଭାଷା ଯଦିଓ ଆମେ ପସନ୍ଦ କରୁ, ଅନ୍ୟ ଭାଷାରେ ବି ଉତ୍ତର ଦେଇପାରୁ । ସମୟ ପଡ଼ିଲେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜବାବ ଦେବୁ । ସ୍ମରଣ କରାଯାଇପାରେ ଯେ ଏପ୍ରିଲ ୮ରୁ ମଧ୍ୟପ୍ରାଚ୍ୟରୁ ଅସ୍ତ୍ରବିରତି ସତ୍ତ୍ୱେ ଖାର୍ଗ ଦ୍ୱୀପକୁ ଦଖଲ କରିବ ବୋଲି ଟ୍ରମ୍ପ ଧମକ ଦେବା, କ'ଣ ସୂଚାଉଛି ? ହର୍ମୁଜ ପ୍ରଣାଳୀ ଏବେ କିଭଳି ବିପଦରେ ଅଛି ତାହା ଅନ୍ୟ ଏକ ଘଟଣାରେ ସ୍ପଷ୍ଟ ହୁଏ । ଏକ ଭାରତୀୟ ଜାହାଜ ଉପରେ ଖୋଦ୍ ଆମେରିକା ଆକ୍ରମଣ କରିବାରୁ ୩ ଭାରତୀୟଙ୍କ ମୃତ୍ୟୁ ଘଟିଲା ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଗକୁ ବଢ଼ିବା ଉଚିତ ନୁହେଁ, ଯଦି ବଢେ ତେବେ ବିଶ୍ୱବାସୀ ତୃତୀୟ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବା ଅସମ୍ଭବ ନୁହେଁ । ଜାତିସଂଘ ମହାସଚିବ ଗୁଟରେସ ଏପରି ସତର୍କ କରାଇଛନ୍ତି । ଏ ପରିପ୍ରେକ୍ଷୀରେ ଯେଉଁ ରାଷ୍ଟ୍ରମାନେ ଚାହାନ୍ତି ହର୍ମୁଜ ଖୋଲା ରହୁ ସେମାନେ ଚୁପ୍ ରହିଲେ ଚଳିବ ନାହିଁ । ଏକାଠି ହୋଇ ଆମେରିକାକୁ ମନାଇବା ଦରକାର । ଉଲ୍ଲେଖଯୋଗ୍ୟ ହର୍ମୁଜ ପ୍ରଣାଳୀରେ ଦୈନିକ ଆମେରିକା ୨ ବିଲିୟନ ଡଲାର ଅର୍ଥ ଖର୍ଚ୍ଚ କରୁଛି । ଏହା କେତେଦୂର ଯଥାର୍ଥ ବୋଲି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏକଦା ଆମେରିକାର ଜଣେ ସିନେଟର କ୍ରିସ୍ ମର୍ଫି ପ୍ରଶ୍ନପୂର୍ବକ ବିକ୍ଷୋଦ୍‌ଗାର କରିଥିଲେ । ଅର୍ଥାତ୍ ଯେଉଁ ଖର୍ଚ୍ଚ ହେଉଛି ତାହାର ପ୍ରଭାବ ଆମେରିକା ରାଜକୋଷରେ ପଡ଼ିଥିବା ଦିଗ ସିନେଟର ଜଣଙ୍କ ଦର୍ଶାଇଥିଲେ । ହର୍ମୁଜ ଖୋଲା ରହିବା ସମସ୍ତେ ଚାହାନ୍ତି । ମାତ୍ର ଯୁଦ୍ଧ ଯୋଗୁ ଏହା ବନ୍ଦ ରହିବା ପ୍ରଭାବ ବିଶ୍ୱରେ ପଡ଼ିସାରିଲାଣି । ସୁତରାଂ ଟ୍ରମ୍ପଙ୍କୁ ମନାଇବା ପାଇଁ ଭାରତ ସମେତ ହର୍ମୁଜ ଖୋଲିବା ସପକ୍ଷରେ ଥିବା ରାଷ୍ଟ୍ରମାନେ ଏଯାଏଁ ଏକାଠି ନ ହେବା ଏକ ବିଡ଼ମ୍ବନା । ଏପରି ରାଷ୍ଟ୍ରମାନେ ଏକତ୍ର ହେବା ବର୍ତ୍ତମାନ ସମୟର ଆବଶ୍ୟକତା । କାରଣ ଅହଂକାର ବରାବର ସାବ୍ୟସ୍ତ କରୁଥିବା ଜଣେ ରାଷ୍ଟ୍ରପତିଙ୍କ ଯୋଗୁଁ ସାରା ବିଶ୍ୱବାସୀ ତୈଳ ଓ ଇନ୍ଧନର ଅଭାବ ବା ଏସବୁର ମୂଲ୍ୟବୃଦ୍ଧିର ସମ୍ମୁଖୀନ ହେବା କେତେଦୂର ଯୁକ୍ତିଯୁକ୍ତ ?

# ସରକାରୀ ଦଲିଲର ସୁରକ୍ଷା: ଏକ ବଡ଼ ପ୍ରଶ୍ନ

### ଶୁଭଲକ୍ଷ୍ମୀ ମିଶ୍ର

ରାତିର ଅନ୍ଧକାରରେ ଚୋରି ହେବା ଶୁଣାଯାଏ, କିନ୍ତୁ ଏବେ ଦିନର ଆଲୁଅରେ ଚୋରି ହେବା ସ୍ୱାଭାବିକ ହୋଇଗଲାଣି । ସରକାରୀ ଦଲିଲ କେବଳ କାଗଜର ଗୁଚ୍ଛ ନୁହେଁ; ସେଗୁଡ଼ିକ ହେଉଛି ଇତିହାସ, ପ୍ରଶାସନିକ ଉତ୍ତରଦାୟିତ୍ୱ ଓ ଜନବିଶ୍ୱାସର ଆଧାର । ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ତଦନ୍ତ ରିପୋର୍ଟ ନିଖୋଜ ହୁଏ, ସେତେବେଳେ କେବଳ ଏକ ଫାଇଲ ହଜିଯାଏ ନାହିଁ; ହଜିଯାଏ ସତ୍ୟକୁ ଜାଣିବାର ସୁଯୋଗ, ଉତ୍ତରଦାୟିତ୍ୱର ପ୍ରକ୍ରିୟା ଏବଂ ନାଗରିକଙ୍କ ବିଶ୍ୱାସ ।ଦଲିଲ ହଜିଲେ କେବଳ କାଗଜ ହଜେ ନାହିଁ, ହଜିଯାଏ ଇତିହାସର ଏକ ଅଧ୍ୟାୟ, ପ୍ରଶାସନିକ ଉତ୍ତରଦାୟିତ୍ୱର ଏକ ସୁଯୋଗ ଏବଂ ଲୋକଙ୍କ ବିଶ୍ୱାସର ଏକ ଅଂଶ । ଲୋକତନ୍ତ୍ରର ମୂଳ ଶକ୍ତି କେବଳ ନିର୍ବାଚନ ନୁହେଁ; ବରଂ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଜନବିଶ୍ୱାସ । ସରକାରୀ ଦଲିଲ ଏହି ତିନୋଟି ସ୍ତମ୍ଭକୁ ସୁଦୃଢ଼ କରିଥାଏ । ନିକଟରେ ଓଡ଼ିଶାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ ରିପୋର୍ଟ ନିଖୋଜ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ରାଜ୍ୟରେ ଏକ ନୂତନ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଘଟଣା କେବଳ ଦୁଇଟି ଫାଇଲର ଅନୁପସ୍ଥିତିର ପ୍ରଶ୍ନ ନୁହେଁ; ଏହା




ପ୍ରଶାସନିକ ବ୍ୟବସ୍ଥା, ଦଲିଲ ସଂରକ୍ଷଣ ଓ ଜନବିଶ୍ୱାସର ପ୍ରଶ୍ନ । ଯେଉଁ ଦୁଇଟି ରିପୋର୍ଟ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି, ସେଗୁଡ଼ିକ ସାଧାରଣ ପ୍ରଶାସନିକ ଫାଇଲ ନୁହେଁ । ଗୋଟିଏ ହେଉଛି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ଓ ପରବର୍ତ୍ତୀ କନ୍ଧମାଳ ହିଂସା ଘଟଣାର ତଦନ୍ତ ସହ ସମ୍ପୃକ୍ତ ନ୍ୟାୟମୂର୍ତ୍ତି ଏ.ଏସ୍. ନାଇଡୁ କମିଶନ ରିପୋର୍ଟ ଏବଂ ଅନ୍ୟଟି ହେଉଛି ୨୦୧୬ ମସିହାର ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଉପରେ ରାଜସ୍ୱ ବିଭାଗୀୟ କମିଶନରଙ୍କ ତଦନ୍ତ ରିପୋର୍ଟ । ଉଭୟ ଘଟଣା ରାଜ୍ୟର ସାମାଜିକ ଓ ପ୍ରଶାସନିକ ଇତିହାସରେ ଗୁରୁତ୍ୱପୂର୍ଣ୍ଣ । କୌଣସି ତଦନ୍ତ ରିପୋର୍ଟ କେବଳ ଅତୀତର ଘଟଣାକୁ ଲିପିବଦ୍ଧ କରେ ନାହିଁ; ଏହା ଭବିଷ୍ୟତ ପାଇଁ ମାର୍ଗଦର୍ଶନ ଦେଇଥାଏ । ଏପରି ରିପୋର୍ଟ ଆଧାରରେ ନୀତି ଗଠନ ହୁଏ, ପ୍ରଶାସନିକ ତ୍ରୁଟି ଚିହ୍ନଟ ହୁଏ ଏବଂ ଦାୟିତ୍ୱ ନିର୍ଦ୍ଧୟ କରାଯାଏ । ଯଦି ଏପରି ଦଲିଲ ନିଖୋଜ ହୋଇଯାଏ, ତେବେ ଏହା କେବଳ ଏକ କାର୍ଯ୍ୟାଳୟୀୟ ଅବହେଳା ନୁହେଁ; ଏହା ଜନସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତର ବିଷୟ ।

ଭାରତରେ ସରକାରୀ ଦଲିଲ ସଂରକ୍ଷଣ ପାଇଁ ଆଇନଗତ ବ୍ୟବସ୍ଥା ରହିଛି । ପବ୍ଲିକ୍ ରେକର୍ଡସ୍ ଆକ୍ଟ, ୧୯୯୩ ଅନୁଯାୟୀ ସରକାରୀ ରେକର୍ଡ ଜନସମ୍ପତ୍ତି ଭାବେ ଗଣ୍ୟ ହୁଏ । ଏଗୁଡ଼ିକର ସୁରକ୍ଷା, ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ସମ୍ପୃକ୍ତ ବିଭାଗର ଦାୟିତ୍ୱ । ତଥାପି ସମୟ ସମୟରେ ଦେଶର ବିଭିନ୍ନ ସ୍ଥାନରୁ ଫାଇଲ ନିଖୋଜ, ରେକର୍ଡ ନଷ୍ଟ କିମ୍ବା ଅନୁପଲବ୍ଧ ଥିବା ଖବର ସାମ୍ନାକୁ ଆସିଥାଏ । ଏହା ଦର୍ଶାଏ ଯେ ଆମର ରେକର୍ଡ ପରିଚାଳନା ବ୍ୟବସ୍ଥାରେ ଏବେ ମଧ୍ୟ ଅନେକ ଦୁର୍ବଳତା ରହିଛି । ଆଜି ଆମେ ଡିଜିଟାଲ ଯୁଗରେ ବସବାସ କରୁଛୁ । ବ୍ୟାଙ୍କିଂରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟରୁ ପ୍ରଶାସନ—ସବୁ କ୍ଷେତ୍ରରେ ଡିଜିଟାଲ ପ୍ରଣାଳୀର ବ୍ୟବହାର ବଢ଼ିଛି । ତଥାପି ଅନେକ ସରକାରୀ ବିଭାଗରେ ଫାଇଲ ସଂରକ୍ଷଣ ପ୍ରକ୍ରିୟା ଏବେ ମଧ୍ୟ ପୁରୁଣା ଧାରାରେ ଚାଲିଛି । କାଗଜପତ୍ର ଉପରେ ଅତ୍ୟଧିକ ନିର୍ଭରଶୀଳତା, ଅପର୍ଯ୍ୟାପ୍ତ ଡିଜିଟାଲ ଆର୍କାଇଭିଂ ଏବଂ ରେକର୍ଡ ପରିଚାଳନାରେ ଦକ୍ଷ ଜନଶକ୍ତିର ଅଭାବ ଏହି ସମସ୍ୟାକୁ ବଢ଼ାଇଥାଏ ।ଏହି ଘଟଣା ଆମକୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସାମ୍ନାରେ ଆଣିଛି—ଜନବିଶ୍ୱାସର ପ୍ରଶ୍ନ । ନାଗରିକମାନେ ସରକାରୀ ସଂସ୍ଥା ଉପରେ ଏହି ବିଶ୍ୱାସ ରଖନ୍ତି ଯେ ସେଠାରେ ଥିବା ଦଲିଲ ସୁରକ୍ଷିତ ରହିବ ଏବଂ ଆବଶ୍ୟକ ସମୟରେ ଉପଲବ୍ଧ ହେବ । ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ନିଖୋଜ ହେବାର ଖବର ଆସେ, ସ୍ୱାଭାବିକ ଭାବେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୁଏ । ଏହି ସନ୍ଦେହ କେବଳ ଗୋଟିଏ ଘଟଣା ପର୍ଯ୍ୟନ୍ତ ସୀମିତ ରହେନାହିଁ; ଏହା ସମଗ୍ର ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଭାବ ପକାଏ । ଲୋକତନ୍ତ୍ରରେ ସ୍ୱଚ୍ଛତା ଏକ ମୂଳ ମୂଲ୍ୟବୋଧ । ସୂଚନା ଅଧିକାର ଆଇନ ନାଗରିକଙ୍କୁ ସରକାରୀ ସୂଚନା ଜାଣିବାର ଅଧିକାର ଦେଇଛି । କିନ୍ତୁ ଯଦି ଦଲିଲ ହିଁ ଉପଲବ୍ଧ ନଥାଏ, ତେବେ ସ୍ୱଚ୍ଛତାର ଧାରଣା ଦୁର୍ବଳ ହୋଇଯାଏ । ତେଣୁ ଦଲିଲର ସୁରକ୍ଷା କେବଳ ପ୍ରଶାସନିକ ଆବଶ୍ୟକତା ନୁହେଁ; ଏହା ଲୋକତାନ୍ତ୍ରିକ ଦାୟିତ୍ୱ ।

ଏହି ଘଟଣାରୁ ଶିକ୍ଷା ନେଇ ରାଜ୍ୟ ଓ ଦେଶର ସମସ୍ତ ସରକାରୀ ବିଭାଗ ରେକର୍ଡ ପରିଚାଳନାକୁ ଅଧିକ ଆଧୁନିକ ଓ ସୁରକ୍ଷିତ କରିବା ଆବଶ୍ୟକ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦଲିଲର ଡିଜିଟାଲ କପି ପ୍ରସ୍ତୁତ କରିବା, କ୍ଲାଉଡ୍ ଆଧାରିତ ସଂରକ୍ଷଣ ବ୍ୟବସ୍ଥା ଗଠନ କରିବା, ନିୟମିତ ଅଡିଟ୍ କରିବା ଏବଂ ଦଲିଲ ସଂରକ୍ଷଣରେ ଦାୟିତ୍ୱ ନିର୍ଦ୍ଧାରଣ କରିବା ସମୟର ଦାବି ।ସରକାରୀ ଫାଇଲ କେବଳ ପ୍ରଶାସନର ସମ୍ପତ୍ତି ନୁହେଁ; ଏହା ଜନସାଧାରଣଙ୍କ ସମ୍ପତ୍ତି ।

ବିଶ୍ୱନାଥପୁର, ବାଲିପାଟଣା ,ମୋ-୯୮୬୧୦୬୧୩୮୯

**ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ, ସଂଶୋଧିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ସଫଳତାର ସହ କାର୍ଯ୍ୟ ଜାରି ରହିଛି । ଏସଆଇଆର ତୃତୀୟ ପର୍ଯ୍ୟାୟରେ, ୩.୯୪ ଲକ୍ଷରୁ ଅଧିକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ୩୬.୭୩ କୋଟି ଭୋଟରଙ୍କ ସହିତ ଆଲୋଚନା କରି ଘରକୁ ଘର ପରିଦର୍ଶନ କରୁଛନ୍ତି । ସେମାନଙ୍କୁ ସହାୟତା କରିବା ପାଇଁ ଓ ଗଣନା ପ୍ରକ୍ରିୟା ସମୟରେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ନିଯୁକ୍ତ ୩.୪୨ ଲକ୍ଷ ବୁଥ୍ ସ୍ତରୀୟ ପ୍ରତିନିଧି ମଧ ଉପସ୍ଥିତ ରହୁଛନ୍ତି । ଓଡ଼ିଶାରେ ୧୨ ମେ' ୨୦୨୬ ସୁଦ୍ଧା ମୋଟ ୩ କୋଟି ୩୪ ଲକ୍ଷ ୩୩ ହଜାର ୬୫୯ ଭୋଟର ଅଛନ୍ତି । ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବିଏଲଓ ଓ ୮୩୯୧ ଜଣ ବିଏଲଓ ଏସଆଇଆର୍ କାର୍ଯ୍ୟ ପରିଚାଳନାରେ ସାମିଲ୍ ହୋଇଛନ୍ତି ।**

# ଏସ୍ଆଇଆର୍ : ସୁଦୃଢ଼ ଗଣତନ୍ତ୍ର ପାଇଁ ଏକ ଆହ୍ୱାନ

### କିଶୋର ଚନ୍ଦ୍ର ବେହେରା

ଭାରତ ବର୍ଷ ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଆମର ସମ୍ବିଧାନ ସର୍ବଶ୍ରେଷ୍ଠ ଅନ୍ୟ ରାଷ୍ଟ୍ର ତୁଳନାରେ । ସେ ରାଜା ହେଉ କି ପ୍ରଜା, ଧନୀ ହେଉ କି ନିର୍ଦ୍ଧନୀ କିମ୍ବା ସେ ପ୍ରଭାବଶାଳୀ ବ୍ୟକ୍ତି ହେଉ ପଛେ ସମ୍ବିଧାନର ଆଇନ, ନୀତି ଓ ନ୍ୟାୟିକ ବ୍ୟବସ୍ଥାକୁ ସମ୍ମାନ ଦେବାରେ ଅବହେଳା କରନ୍ତି ନାହିଁ । ପ୍ରତ୍ୟେକ ନାଗରିକ ଭିନ୍ନ ଭିନ୍ନ ତରିକା ଅବଲମ୍ବନ କରି ରାଷ୍ଟ୍ର ଶାସନରେ ଅଂଶ ଗ୍ରହଣ କରିବା ପାଇଁ ରାଜନୈତିକ ଅଧିକାରକୁ ଆପଣାଇବାରେ ପ୍ରଚେଷ୍ଟା ଜାରି ରଖିଥାନ୍ତି । ନିର୍ଦ୍ଦିଷ୍ଟ ବୟସରେ ଉପନୀତ ହୋଇଥିବା ପ୍ରତେକ ସାବାଳକ ନାଗରିକଙ୍କୁ ନିର୍ବାଚନରେ ମତଦାନ କରିବାର ସୁଯୋଗ ଆମ ସମ୍ବିଧାନରେ ବ୍ୟବସ୍ଥା ରହିଛି । ଜନସାଧାରଣଙ୍କ ମତଦାନ ଦ୍ୱାରା ପ୍ରତିନିଧିମାନେ ନିର୍ବାଚିତ ହୋଇ ରାଜ୍ୟ କିମ୍ବା କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜାରି ରଖିଥାନ୍ତି । ଏହି ଅଧିକାର ଜନମତ ବିଧିସଂଗତ ପରିପ୍ରକାଶ । ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ମୁକ୍ତ ସମାଜ ବ୍ୟବସ୍ଥାରେ କୌଣସି କୃତ୍ରିମ ଭେଦଭାବ ନ ରଖି ସମସ୍ତଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଥାଏ । ଭାରତୀୟ ସମ୍ବିଧାନର ୨ୟ ଭାଗ ଧାରା ୫ ରୁ ୧୧ ମଧ୍ୟରେ ଭାରତୀୟ ନାଗରିକତ୍ୱ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ଭାରତରେ ଏକକ ନାଗରିକତ୍ୱ ବ୍ୟବସ୍ଥା ରହିଛି, ଅର୍ଥାତ୍ ରାଜ୍ୟ ନୁହେଁ, କେବଳ ସମଗ୍ର ଦେଶର ନାଗରିକତ୍ୱ ମିଳିଥାଏ । ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଦ୍ୱାରା ଦେଶରେ କରାଯାଉଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଦ୍ୱାରା ନାଗରିକର ଅଧିକାର କିପରି ଅକ୍ଷୁଣ୍ଣ ରହିବ, ସେଥିପାଇଁ ଭାରତ ସରକାରଙ୍କର ଚିରାଚରିତ ବିଧି ବ୍ୟବସ୍ଥା । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ହେଉଛି ଏକ ସମାବେଶୀ ପ୍ରକ୍ରିୟା ଯେଉଁଥିରେ ଭୋଟର, ରାଜନୈତିକ ଦଳ ଏବଂ ନିର୍ବାଚନ ଅଧିକାରୀ ସମେତ ସମସ୍ତ ଅଂଶୀଦାର ସାମିଲ ରହନ୍ତି । ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ପ୍ରତିନିଧି ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି ଯାହା ଦ୍ୱାରା ସେମାନଙ୍କର ପୂର୍ଣ୍ଣ ଅଂଶଗ୍ରହଣ ସୁନିଶ୍ଚିତ ହେବ ଓ ଏହା ନିଶ୍ଚିତ କରିବ ଯେ ଏସଆଇଆର୍ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ପରିଚାଳିତ ହେଉଛି ।

ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ, ସଂଶୋଧିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ସଫଳତାର ସହ କାର୍ଯ୍ୟ ଜାରି ରହିଛି । ଏସଆଇଆର ତୃତୀୟ ପର୍ଯ୍ୟାୟରେ, ୩.୯୪ ଲକ୍ଷରୁ ଅଧିକ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ୩୬.୭୩ କୋଟି ଭୋଟରଙ୍କ ସହିତ ଆଲୋଚନା କରି ଘରକୁ ଘର ପରିଦର୍ଶନ କରୁଛନ୍ତି । ସେମାନଙ୍କୁ ସହାୟତା କରିବା ପାଇଁ ଓ ଗଣନା ପ୍ରକ୍ରିୟା ସମୟରେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ନିଯୁକ୍ତ ୩.୪୨ ଲକ୍ଷ ବୁଥ୍ ସ୍ତରୀୟ ପ୍ରତିନିଧି ମଧ ଉପସ୍ଥିତ ରହୁଛନ୍ତି । ଓଡ଼ିଶାରେ ୧୨ ମେ' ୨୦୨୬ ସୁଦ୍ଧା ମୋଟ ୩ କୋଟି ୩୪ ଲକ୍ଷ ୩୩ ହଜାର ୬୫୯ ଭୋଟର ଅଛନ୍ତି । ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବିଏଲଓ ଓ ୮୩୯୧ ଜଣ ବିଏଲଓ ଏସଆଇଆର୍ କାର୍ଯ୍ୟ ପରିଚାଳନାରେ ସାମିଲ୍ ହୋଇଛନ୍ତି । ଜୁନ ୨୮ ସୁଦ୍ଧା ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକର



ସୁସଙ୍ଗଠିତ ପୁନର୍ଗଠନ କରାଯିବ । ଏହା ପରେ ଚିଠା ଭୋଟର ତାଲିକା ଜୁଲାଇ ୫ରେ ପ୍ରକାଶ ପାଇବ ଓ ଏହା ଉପରେ କୌଣସି ପ୍ରକାରର ଦାବି ଓ ଆପତ୍ତି ୫ ଜୁଲାଇରୁ ୪ ଅଗଷ୍ଟ ମଧ୍ୟରେ ଦାଖଲ କରିହେବ । ଏସବୁ ଦାବି ଓ ଆପତ୍ତିର ସମାଧାନ ନୋଟିସ ୫ ଜୁଲାଇରୁ ୨ ସେପ୍ଟେମ୍ବର ମଧ୍ୟରେ ପ୍ରକାଶ ହେବ । ଚୂଡ଼ାନ୍ତ ଭୋଟର ତାଲିକା ୬ ସେପ୍ଟେମ୍ବରରେ ପ୍ରକାଶ ପାଇବ । ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଅଧିକ ସଫଳ ଏବଂ ସୁଦୂରପ୍ରସାରୀ କରିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସକ୍ରିୟ ହୋଇଉଠିଛନ୍ତି । ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚିବା ପାଇଁ ଏକ ବ୍ୟାପକ ଜନ-ସଚେତନତା ଅଭିଯାନ ଆରମ୍ଭ କରାଯାଉଛି । ନାଗରିକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଜିଲ୍ଲାରେ ସଚେତନତା ରଥ ଗାଁକୁ ଗାଁ ବୁଲି ସଚେତନ କରିବା ସହିତ ସହରଗୁଡ଼ିକରେ ଡ଼ାକବାଜି ଯନ୍ତ୍ର, ହୋର୍ଡିଂ, ଏଲ୍.ଇ.ଡି ସ୍କ୍ରିନ୍ ଏବଂ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଯୁବପିଢ଼ିଙ୍କୁ ସାମିଲ କରାଯାଉଛି । ନିର୍ବାଚନ ବିଭାଗ ପକ୍ଷରୁ ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲୀ ଓ ସମୂହ ଧ୍ୱନି ପ୍ରତିଯୋଗିତା ଆୟୋଜନ କରାଯାଇ ନୂତନ ଏବଂ ଯୁବ ଭୋଟରମାନଙ୍କୁ ପଞ୍ଜୀକରଣ ପାଇଁ ଉତ୍ସାହିତ କରାଯାଉଛି । ଏହି ପରିଗଣନା ପ୍ରକ୍ରିୟାକୁ ସହଜ କରିବା ପାଇଁ ଭୋଟରମାନଙ୍କ ଠାରୁ କୌଣସି ପ୍ରକାରର ଅତିରିକ୍ତ ଦସ୍ତାବିଜ ବା ଡକ୍ୟୁମେଣ୍ଟ ସଂଗ୍ରହ କରାଯାଉନାହିଁ । ରାଜ୍ୟରେ କୌଣସି ବି ଯୋଗ୍ୟ ମତଦାତା ଯେପରି ଏହି ପ୍ରକ୍ରିୟାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ନିର୍ବାଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି ।

ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ -୨୦୨୬କୁ ନେଇ ବିହାର ବିଧାନସଭା ନିର୍ବାଚନ ପାଇଁ ଇଣ୍ଡିଆ ବ୍ଲକ୍‌ର ସମନ୍ୱୟ କମିଟି ଅଧ୍ୟକ୍ଷ ଥିବା ଆରଜେଡି ନେତା ତେଜସ୍ୱୀ ଯାଦବ, ଭୋଟର ତାଲିକା ସଂଶୋଧନ ବିରୋଧରେ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ଅସନ୍ତୋଷ ଦର୍ଶାଇବା ସହ ସର୍ବୋଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲ । ଆବେଦନକାରୀଙ୍କ ଆବେଦନକୁ ତର୍ଜମା କରି ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦେଶରେ କରାଯାଉଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର)କୁ ବୈଧ ବୋଲି କହିଛନ୍ତି । ଇସିଆଇଙ୍କର ଏସ୍ଆଇଆର କରିବାର ଅଧିକାର ଅଛି ଓ ଏହା କୌଣସି ବୈଧାନିକ କିମ୍ବା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରିନାହିଁ ବୋଲି ସର୍ବୋଚ୍ଚତମ କହିଛନ୍ତି । ବିହାରରେ ଭୋଟର ତାଲିକାର ଏସ୍ଆଇଆରକୁ ଚ୍ୟାଲେଞ୍ଜ କରି ଆଗତ ହୋଇଥିବା ଆବେଦନଗୁଡ଼ିକ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କର ରାୟ ପ୍ରଦାନ କରିଛନ୍ତି । ଏସ୍ଆଇଆର ପ୍ରକ୍ରିୟା ଅନୁଯାୟୀ ଭୋଟର ତାଲିକାରୁ ନାମ ବାଦ୍ ଦେବା ନାଗରିକତା ନିର୍ଣ୍ଣୟ କରେ ନାହିଁ । ସୁପ୍ରିମକୋର୍ଟଙ୍କ ଏହି ରାୟ ଗୁରୁତ୍ୱପୂର୍ଣ୍ଣ କାରଣ ଆବେଦନକାରୀ ଓ ବିରୋଧୀ ଯୁକ୍ତି ଦେଇଥିଲେ ଯେ, ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଉଥିବା ଏସ୍ଆଇଆର 'ବ୍ୟାକ୍ ଡୋର' ବା ତ୍ରୁଟିଯୁକ୍ତ ନାଗରିକତା ଯାଞ୍ଚ ପ୍ରକ୍ରିୟା ଥିଲା ।

ସୁପ୍ରିମକୋର୍ଟ ଏହା ମଧ କହିଛନ୍ତି ଯେ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଏସ୍ଆଇଆର ଜରୁରୀ । ଆୟୋଗ ଭୋଟରଙ୍କ ନାଁ କାଟି ପାରିବ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଆଉ ଭାରତର ନାଗରିକ ନୁହଁନ୍ତି । ନାଗରିକତ୍ୱ ନିର୍ଣ୍ଣୟ ସହିତ ଏହାର କୌଣସି ସମ୍ପର୍କ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସୁପ୍ରିମ-କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ । ସମସ୍ତ ସାବାଳକ ନାଗରିକ ମତଦାନ ଅଧିକାର ଲାଭ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ରାଜନୈତିକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି । ଯେଉଁ ବ୍ୟକ୍ତି କିମ୍ବା ରାଜନୈତିକ ଦଳ ଜନମତର ପଚାଶ ଶତକଡ଼ାରୁ ଅଧିକ ଲାଭ କରିଥାନ୍ତି ସେ ବ୍ୟକ୍ତି ବିଶେଷ ବା ଦଳ ନିର୍ବାଚନ ବୈତରଣୀ ପାର ହୋଇଥାନ୍ତି । ଏଥିରେ କୌଣସି ପ୍ରତିବନ୍ଧକ କିମ୍ବା ରୋକ୍ ଲଗାଯାଇନଥାଏ । ନାଗରିକ ମତଦାନ ଦ୍ୱାରା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନଶୀଳ ହୋଇଯାଇଥାଏ । ଯଦି ଜଣେ ନାଗରିକ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ସଚ୍ଚୋଟତା ସହକାରେ ଅଧିକାର ସାବ୍ୟସ୍ତ କରିପାରିବ ତେବେ ଏକ ସୁଦୃଢ଼ ସରକାର ଗଠନ କରିବା ସହ ରାଷ୍ଟ୍ରର ପ୍ରଗତି କ୍ଷେତ୍ରରେ ସହାୟକ ହୋଇଥାଏ, କାରଣ ଆମ୍ଭେମାନେ ହେଉଛେ ସ୍ୱାଧୀନ ଭାରତର ନାଗରିକ । ଆମର ସୁଦୃଢ଼ ମତଦାନ ସୁଶାସନର ପରିଚୟ ଏବଂ ପ୍ରଗତିଶୀଳ ରାଷ୍ଟ୍ରର ଅଂଶୀଦାର ।

ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ- ୯୪୩୭୯୫୫୫୬୮

**ପରବର୍ତ୍ତୀ ସମୟରେ ଅନେକ ପରୀକ୍ଷା ନିରୀକ୍ଷା ପରେ ୧୯୦୦ ବେଳକୁ ଆମେରିକାରେ ବିଦ୍ୟୁତ ଗାଡ଼ିର ପ୍ରଚଳନ ଆରମ୍ଭ ହୋଇସାରିଥିଲା । ସେ ସମୟରେ ଆମେରିକାରରେ ଚାଲୁଥିବା ମଟର କାର ମଧ୍ୟରୁ ଶତକଡା ୩୮ ଶତାଂଶ ଥିଲା ବିଦ୍ୟୁତ ଚାଳିତ । ଶତକଡା ୪୦ ଭାଗ ଗାଡି ବାଷ୍ପ ଦ୍ୱାରା ଚାଳିତ ହେଉଥିଲା । ମାତ୍ର ବାଇଶ ଶତାଂଶ ଗାଡି ପେଟ୍ରୋଲ ଦ୍ୱାରା ଚାଲୁଥିଲା । ତାର କାରଣ ହେଲା ଟେକସାସରେ ତେଲ ମିଳିବା ପରେ ବିଦ୍ୟୁତ ଗାଡିର ଚାହିଦା କମିଲା । ଯେହେତୁ ତେଲ ଭଲ କମ ଦାମରେ ମିଳିଲା, ଲୋକମାନଙ୍କର ପସନ୍ଦ ପେଟ୍ରୋଲ ଗାଡି ଉପରେ ରହିଲା । ଆଉ ଅଧିକ ବିଦ୍ୟୁତ ଗାଡି ନେଇ ଗବେଷଣା ହେଲା ନାହିଁ ।**

# ବୈଦ୍ୟୁତିକ ଗାଡ଼ି ପ୍ରତି ସରକାରଙ୍କ ମୋହ

### ସୁବାସ ଷଡ଼ଙ୍ଗୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଓଡିଶା ସରକାରଙ୍କ ପକ୍ଷରୁ ବିଦ୍ୟୁତ ଚାଳିତ କାର ଉପରେ ଗୁରୁତ୍ୱ ଦିଆଯାଇଛି । ପୂର୍ବରୁ ଅବଶ୍ୟ ବିଦ୍ୟୁତ ଚାଳିତ ଦୁଇଚକିଆ ଓ ଚାରି ଚକିଆ ଯାନ କିଣିବା ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ସରକାରୀ ଅଫିସରଙ୍କ ପାଇଁ ସେମାନଙ୍କ ପେସ୍କେଲ ଅନୁସାରେ କାର ବା ସ୍କୁଟି ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି । ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ବିଦ୍ୟୁତ ଚାଳିତ ଗାଡି ଉପରେ ସେତେଟା ଗୁରୁତ୍ୱ ଲୋକେ ଦେଇ ନଥିଲେ ।

ଗତ ପନ୍ଦରଦିନ ତଳେ ହଠାତ ରାଜଧାନୀ ସମେତ ସାରା ରାଜ୍ୟରେ ପେଟ୍ରୋଲ/ଡିଜେଲର ଅଭାବ ଦେଖାଦେଲା । ଲୋକମାନେ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଲାଇନ ଲଗାଇ ତେଲ କିଣିଲେ । ଅଭିଯୋଗ ହେଲା ଯେ ପେଟ୍ରୋଲ ଅଭାବରୁ ଗୋଟାଏ ଆମ୍ବୁଲାନ୍ସ ରୋଗୀ ନେଇ ଯାଉଥିଲାବେଳେ ତେଲ ସରିଯିବାରୁ ବାଟରେ ଅଟକିଗଲା । ପେଟ୍ରୋଲ ପାଇଁ କିପରି ଲାଇନ ଲଗାଇବାକୁ ପଡୁଥିଲା, ମୁଁ ତାର ଜଣେ ଭୁକ୍ତଭୋଗୀ ।

ଏଇ ତିନି ଚାରିଦିନ ଭିତରେ ପେଟ୍ରୋଲ ଅଭାବ ଲୋକମାନଙ୍କ ମଧ୍ୟରେ ବିଦ୍ୟୁତ ଗାଡି କିଣିବା ପାଇଁ ଆଗ୍ରହ ସୃଷ୍ଟିକଲା । ଲୋକେ କାର ଓ ସ୍କୁଟି କିଣିବା ପାଇଁ ବିଭିନ୍ନ ଗାଡି ବିକ୍ରେତାଙ୍କ ପାଖରେ ଲାଇନ ଦେଲେ ।

ଭାରତରେ ଅଟୋମୋବାଇଲ ଡିଲର୍ସ ଆସୋସିଏସନ ସମୂହର ଫେଡେରେସନ ବା 'ଫାଡା' ପକ୍ଷରୁ ଯେଉଁ ପରିସଂଖ୍ୟାନ ଦିଆଯାଇଛି, ସେଥିରେ କୁହାଯାଇଛି, ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶରେ ବିକ୍ରି ହୋଇଥିବା ମୋଟ ଦୁଇଚକିଆ ଯାନର ୬.୫୪ ଶତାଂଶ ହେଉଛି, ବିଦ୍ୟୁତ ଚାଳିତ ଗାଡି । ଯାତ୍ରିବାହି ଗାଡି କ୍ଷେତ୍ରରେ ବୈଦ୍ୟୁତିକ ଗାଡିର ଚାହିଦା ମଧ୍ୟ ବୃଦ୍ଧି ପାଇ ହୋଇଛି ୪.୨୫ ଶତାଂଶ । ମୋଟ କମର୍ସିଆଲ ଗାଡିର ଭାଗ ହେଲା ୧.୮୩ ଶତାଂଶ ବୈଦ୍ୟୁତିକ ଗାଡି । ଏଇ ଆର୍ଥିକ ବର୍ଷରେ ମୋଟ ୨୪.୫୨ ଲକ୍ଷ ବୈଦ୍ୟୁତିକ ଗାଡି ବିକ୍ରି ହୋଇଛି । ୨୦୨୬ ମସିହାର ଫେବୃୟାରୀ ତୁଳନାରେ ମାର୍ଚ୍ଚମାସରେ ୫.୧୧ ଶତାଂଶ ବୈଦ୍ୟୁତିକ ଗାଡି ଅଧିକ ବିକ୍ରି ହୋଇଛି । ଗତ ଫେବୃୟାରୀ ମାସରେ ଏହାର ହାର ଥିଲା ୩.୪୮ ଶତାଂଶ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ତେଲ ସଂକଟ ଦେଖାଦେବା ଫଳରେ ବିଦ୍ୟୁତ ଚାଳିତ ଗାଡିଗୁଡିକର ଗୁରୁତ୍ୱ ବଢିଯାଇଛି । ଓଡିଶା ସରକାରଙ୍କ ପକ୍ଷରୁ ତ ବିଦ୍ୟୁତ ଗାଡି ଉପରେ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଉଛି । ପ୍ରତିଦିନ ନୂଆ ନୂଆ ନିର୍ଦ୍ଦେଶନାମା ଅର୍ଥବିଭାଗ ପକ୍ଷରୁ ପ୍ରକାଶିତ ହେଉଛି ।

ତେବେ ବିଦ୍ୟୁତ ଚାଳିତ ଗାଡିର ପ୍ରଚଳନ ଏବେ ନୁହେଁ, ବହୁ ପୁରୁଣା । ପ୍ରାୟ ଦେଢ ଶହବର୍ଷ ତଳର । ଏଡିସନ ଓ ଫୋର୍ଡଙ୍କ ମଧ୍ୟରେ ନିବିଡ଼ତା ଥିଲା । ୧୮୯୬ ମସିହାରେ ନ୍ୟୁୟର୍କର ବ୍ରୁକଲିନ ସହରରେ ଆୟୋଜିତ ଏକ ସଭାରେ ଦୁଇଜଣଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ ହୁଏ । ସେ ସମୟରେ ଫୋର୍ଡ ଗ୍ୟାସୋଲିନ ଚାଳିତ ଗାଡି ନେଇ




ପରୀକ୍ଷା ନିରୀକ୍ଷା ଚଳାଇଥାନ୍ତି । ଏଇ ସମୟରେ ଦୁଇଜଣଯାକ ସିଦ୍ଧାନ୍ତ ନିଅନ୍ତି, କିଭଳି ଭାବରେ ବିଦ୍ୟୁତ ଚାଳିତ ଗାଡି ତିଆରି କରିବେ । ୧୮୮୯ ବେଳକୁ ଏଡିସନ ଏକ ପରୀକ୍ଷାମୂଳକ ଭାବରେ ବିଦ୍ୟୁତ ଚାଳିତ ଗାଡି ତିଆରି କରିଥିଲେ । ତିନିଚକା ବିଶିଷ୍ଟ ଗାଡିରେ ଦୁଇଟି ମଟର ଲାଗିଥିଲା । ଉପଯୁକ୍ତ ବ୍ୟାଟେରି ବ୍ୟବସ୍ଥା ହୋଇପାରିଲେ, ଆମେରିକାରେ ବିଦ୍ୟୁତ ଗାଡି ଲୋକପ୍ରିୟ ହୋଇପାରିବ ବୋଲି ଦୁଇଜଣଯାକ ହୃଦ୍‌ବୋଧ କରିଥିଲେ ।

କିନ୍ତୁ ଏହା ସଫଳ ହୋଇପାରିନଥିଲା । ଫୋର୍ଡ ଏଥିପାଇଁ ଅନେକ ଅର୍ଥ ଖର୍ଚ୍ଚ କରିସାରିଥିଲେ । ୧୮୮୮ ବେଳକୁ ଜର୍ମାନର ଜଣେ ଉଦ୍‌ଭାବକ ଆନ୍ଦ୍ରେୟାସ ଫ୍ଲୋକାନ ଏକ ବିଦ୍ୟୁତ ଗାଡି ତିଆରି କରିସାରିଥିଲେ । କିନ୍ତୁ ଏଇ ଗାଡି ବିଶେଷ ଲୋକପ୍ରିୟ ହୋଇପାରି ନଥିଲା ।

ପରବର୍ତ୍ତୀ ସମୟରେ ଅନେକ ପରୀକ୍ଷା ନିରୀକ୍ଷା ପରେ ୧୯୦୦ ବେଳକୁ ଆମେରିକାରେ ବିଦ୍ୟୁତ ଗାଡିର ପ୍ରଚଳନ ଆରମ୍ଭ ହୋଇସାରିଥିଲା । ସେ ସମୟରେ ଆମେରିକାରରେ ଚାଲୁଥିବା ମଟର କାର ମଧ୍ୟରୁ ଶତକଡା ୩୮ ଶତାଂଶ ଥିଲା ବିଦ୍ୟୁତ ଚାଳିତ । ଶତକଡା ୪୦ ଭାଗ ଗାଡି ବାଷ୍ପ ଦ୍ୱାରା ଚାଳିତ ହେଉଥିଲା । ମାତ୍ର ବାଇଶ ଶତାଂଶ ଗାଡି ପେଟ୍ରୋଲ ଦ୍ୱାରା ଚାଲୁଥିଲା । ତାର କାରଣ ହେଲା ଟେକସାସରେ ତେଲ ମିଳିବା ପରେ ବିଦ୍ୟୁତ ଗାଡିର ଚାହିଦା କମିଲା । ଯେହେତୁ ତେଲ ଭଲ କମ ଦାମରେ ମିଳିଲା, ଲୋକମାନଙ୍କର ପସନ୍ଦ ପେଟ୍ରୋଲ ଗାଡି ଉପରେ ରହିଲା । ଆଉ ଅଧିକ ବିଦ୍ୟୁତ ଗାଡି ନେଇ ଗବେଷଣା ହେଲା ନାହିଁ ।

ସେତେବେଳେ 'ଅଟେମୋବାଇଲ' ନାମ ଏକ ପତ୍ରିକା ଆମେରିକାରେ ଭଲ ନାଁ କରିଥାଏ । ଏଥିରେ ପେଟ୍ରୋଲ ଗାଡି ସମ୍ପର୍କରେ ଅନେକ ତଥ୍ୟ ସମ୍ବଳିତ ପ୍ରବନ୍ଧ ପ୍ରକାଶିତ ହେବାରୁ ସାଧାରଣ ଲୋକେ ପେଟ୍ରୋଲ ଗାଡିକୁ ଅଧିକ ପସନ୍ଦ କଲେ । ବିଦ୍ୟୁତ ଚାଳିତ ଗାଡିର ସବୁଠାରୁ ବଡ ଅସୁବିଧା ଥିଲା, ଏଥିରେ ବ୍ୟବହୃତ ବ୍ୟାଟେରି ଶୀଘ୍ର ଖରାପ ହୋଇଯାଉଥିଲା ।

୧୯୭୩ ମସିହା ବେଳକୁ ଆମେରିକାରେ ତୈଳ ସଂକଟ ଦେଖାଦେଲା । ଇଓମ କପୁର ଯୁଦ୍ଧରେ ଆମେରିକା ଇସ୍ରାଏଲକୁ ସମର୍ଥନ କରିବା ଫଳରେ 'ଓପେକ' ସଂଗଠନ ଆମେରିକାକୁ ତେଲ ସରବରାହ କରିବାକୁ ମନା କରିଦେଲେ । ଅନ୍ତର୍ଜାତୀୟ ବଜାରରେ ତେଲ ଦାମ ବଢିଗଲା ।

୧୯୭୩ ମସିହାର ତୈଳ ସଂକଟ ଏମିତି ଏକ ପରିସ୍ଥିତି ସୃଷ୍ଟି କଲା, ଯେଉଁଥିରୁ ଆମେରିକାବାସୀଙ୍କ ହୃଦ୍‌ବୋଧ ହେଲା ବ୍ୟକ୍ତିଗତ ଗାଡି ନିର୍ଭର ସମାଜରେ ତୈଳସଂକଟ ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅସୁବିଧା ସୃଷ୍ଟି କରିପାରେ । ଏଣୁ ଆରମ୍ଭ ହେଲା ବିଦ୍ୟୁତ ଚାଳିତ ଗାଡି ନେଇ ଗବେଷଣା । ଏଇ ସମୟରେ ଇରାନରେ ଇସଲାମିକ ବିପ୍ଳବ ଆରମ୍ଭ ହେଲା । ଯାହାର ପ୍ରଭାବ ତେଲ ଉପରେ ପଡିଲା । ଏହା ସହିତ ଜୀବାଶ୍ମ ଜାଳେଣି ପରିବେଶକୁ ଅଧିକ ପ୍ରଦୂଷିତ କରୁଥିବାରୁ ବିଦ୍ୟୁତ ଉପରେ ଅଧିକ ଗୁରୁତ୍ୱ ଦିଆଗଲା ।

ବିଦ୍ୟୁତ ଚାଳିତ ଗାଡିର ସବୁଠାରୁ ବଡ ସମସ୍ୟା ହେଲା ଏହାର ବ୍ୟାଟେରି । ସେତେବେଳେ ବ୍ୟାଟେରିଗୁଡିକ ଓଜନଦାର ଥିଲା । ତା ସହିତ ଏଥିରେ ଏସିଡ ବ୍ୟବହୃତ ହେଉଥିବାରୁ ନଷ୍ଟ ହୋଇଯାଉଥିଲା । ଏବେ ଏଥିରେ ଲିଥେନିୟମ ବ୍ୟାଟେରି ବ୍ୟବହାର କରାଯାଉଛି । ଏହାର ଓଜନ କମ । ଏଣୁ ବେଶି ଦିନ ବ୍ୟବହାର ହୋଇପାରୁଛି । ସୀସା ଓ ଏସିଡର ବ୍ୟାଟେରି ଏବେ ବିଦ୍ୟୁତ ଗାଡିରେ ବ୍ୟବହାର ହେଉ ନାହିଁ । ଆଗରୁ ଏଡିସନ ନିକେଲ ଓ ଲୁହା ମିଶ୍ରଣରେ ବ୍ୟାଟେରି ତିଆରି କରି ବ୍ୟବହାର କରୁଥିଲେ । ଏବେ କିନ୍ତୁ 'ଲିଥେନିୟମ' ବ୍ୟାଟେରି ଭଲ ଚାଲିଛି । ଭବିଷ୍ୟତରେ ବ୍ୟାଟେରି କିରି ଦୀର୍ଘସ୍ଥାୟୀ ହୋଇପାରିବ ସେ ନେଇ ମଧ୍ୟ ଗବେଷଣା ଚାଲିଛି । ଆଜିର ଏଇ ତେଲ ସଂକଟ ସମୟରେ ବିଜୁଳି ଗାଡିର ଚାହିଦା ବଢୁଛି ।

ଭୁବନେଶ୍ୱର,ମୋ-୯୪୩୯୭୫୨୩୨୨

# ଡାବୁଗାଁ ବ୍ଲକରେ ମଦ ବନ୍ଦ ଆନ୍ଦୋଳନ ଜୋର୍ ଧରିଲା

ଡାବୁଗାଁ,୧୨।୬ (ନିପ୍ର): ଡାବୁଗାଁ ଅଂଚଳରେ ବାରମ୍ବାର ବିରୋଧ ସତ୍ତ୍ୱେ ବେଆଇନ ଦେଶୀ ମହୁଲି ମଦ ରନ୍ଧା ଓ ବିକ୍ରି ଚାଲୁ ରହିଛି। ଏହାର ପ୍ରତିବାଦରେ ନବରଙ୍ଗପୁର ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ଅବକାରୀ ଟିମ୍ ଡାବୁଗାଁର ବିଭିନ୍ନ ସାହିରେ ଚଢ଼ଉ କରିଛନ୍ତି। ତେବେ ନୂଆଗୁଡ଼ାରେ ଚଢ଼ଉ ସମୟରେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ସହ ଝଗଡ଼ା ହୋଇଥିବା ଜଣାପଡ଼ିଛି। ଉତ୍ୟକ୍ତ ମହିଳାମାନେ ବେଆଇନ ମଦ ବିକ୍ରେତାଙ୍କୁ ଚିହ୍ନଟ କରିବା ସହ ମହୁଲ ପୋଚ ଆଣି ରାସ୍ତାରେ ନଷ୍ଟ କରିଥିଲେ। ନୂଆଗୁଡ଼ା ଓ ଭେଲୁଆଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୨୩ ଲିଟର ଦେଶୀ ମହୁଲି ମଦ ଜବତ କରିଥିବା ବେଳେ ୮୦୦ ଲିଟର ପୋଚ ନଷ୍ଟ କରିଥିଲେ। ମହିଳାମାନେ



ଠେଙ୍ଗାବାଡ଼ି ଧରି ପୋଚ ନଷ୍ଟ କରିଥିଲେ। ବେଆଇନ ମଦ କାରବାର କରୁଥିବା ୩ ଜଣଙ୍କ ବିରୁଦ୍ଧରେ ପୃଥକ୍ ପୃଥକ୍ ଅବକାରୀ ମାମଲା ରୁଜୁ ହୋଇଥିଲା। କେବଳ ଦୁଇଟି ସାହିରେ ଏତେ ପରିମାଣର ବେଆଇନ ମହୁଲି ମଦ ବାହାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ କିଛି ମଦ ଦୋକାନୀ ଘରର କବାଟ ବନ୍ଦ କରି ଚାଲିଯାଇଥିଲେ। ଏହି ଚଢ଼ଉରେ ଉମରକୋଟ ଇନ୍ସପେକ୍ଟର ରଞ୍ଜୁଲତା ବାରିକ, ଡାବୁଗାଁ ଓଆଇସି ସମୀର କୌଶଲ୍ୟା, ରାଇଘର ଏଏସଆଇ ରାମ ଭତରା, ଅବକାରୀ କର୍ମଚାରୀ ବିବେକାନନ୍ଦ ସାହୁ, ରମେଶ ପ୍ରଧାନ, ଗତୁଲ ନାୟକ, ସୁରେଖା ଭତରା, ଟୁକୁ ଦଳେଇ, ଦେବାଶିଷ ଦାସ ଓ ଅନନ୍ତ ମଲ୍ଲିକ ସାମିଲ ଥିଲେ।ସୂଚନା ଥାଉକି, ଡାବୁଗାଁରେ ବେଆଇନ ମଦ ବିକ୍ରି ବନ୍ଦ କରିବା ପାଇଁ ବିଭିନ୍ନ ସାହିର ଶତାଧିକ ମହିଳା ଗତ ୮ ତାରିଖରେ ଥାନା ଓ ଅବକାରୀ ବିଭାଗକୁ ଦାବିପତ୍ର ପ୍ରଦାନ କରିଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୨।୬ (ନିପ୍ର): ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଶୁଭାରମ୍ଭ କରାଯାଇଛି। ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମିକ ନିରାକରଣ ନେଇ ବିଭିନ୍ନ ଆଇନ୍ ଓ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା କରାଯିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବ। ହୋଟେଲ, ଠିକାଦାର, ଦୋକାନୀ, କାରଖାନା, ଶିଳ୍ପ, ବୋଲି ଯେ କୌଣସି ଘରଇ ମାଲିକ ଶିଶୁ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରନ୍ତି ସେ ବିଷୟରେ ଏହି ରଥ ବିଭିନ୍ନ ସ୍ଥାନରେ ପରିକ୍ରମା କରି ଜନସାଧାରଣଙ୍କ ନିକଟରେ ସଚେତନତା କରାଯିବ। ଶିଶୁ ଶ୍ରମିକ ଉଚ୍ଛେଦ ନୀତିର ଉଲ୍ଲଙ୍ଘନ କଲେ ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ମଧ୍ୟ ଅବଗତ କରାଯାଇଛି। ୧୪ ବର୍ଷରୁ କମ୍ ପିଲାଙ୍କୁ କାମରେ ଲଗାଇବା, ୧୫ରୁ ୧୮ ବର୍ଷ କିଶୋରମାନଙ୍କୁ ବିପଦ ସଙ୍କୁଳ ବୃତ୍ତି କାର୍ଯ୍ୟରେ ନିଯୁକ୍ତ କରିବା ଘଟଣା ଦୃଷ୍ଟି ଗୋଚର ହେଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରି ପାରିବେ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲଡ୍ ଲାଇନ୍ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଧରପଗଡ଼ କରାଯାଇ ମଧ୍ୟ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଥଇଥାନ ବ୍ୟବସ୍ଥା ସହ ପାଠପଢ଼ା ଓ ଅନ୍ୟାନ୍ୟ ଦାୟିତ୍ୱ ସରକାରଙ୍କ ତରଫରୁ ବହନ କରାଯାଉଛି।

# ବାରବାଟି-କଟକ ନିର୍ବାଚନ ମଣ୍ଡଳୀ କର୍ପୋରେଟର ସମ୍ମିଳନୀ

କଟକ,୧୨।୬ (ନିପ୍ର) : କଟକ ମହାନଗର ସାଂଗଠନିକ ଜିଲ୍ଲା ସଭାପତି ଆଡଭୋକେଟ୍ ସ୍ୱଦେଶ ଦାସଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ଲଜ୍, ଝୋଲାସାହି ଠାରେ ବାରବାଟି-କଟକ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟରଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜୁ ଜନତା ଦଳ (ବିଜେଡି)ର ଏଜେଣ୍ଡା ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟର ବିକାଶ ଉପରେ ଗଭୀର ଆଲୋଚନା ହୋଇଛି। ସମସ୍ତ କର୍ପୋରେଟର ନବୀନ ପଟ୍ଟନାୟକ ଓ ବିଜେଡିର ବ୍ୟାନରରେ ଦଳକୁ ସୁଦୃଢ଼ କରିବା ପାଇଁ ମତ ବିନିମୟ କରିଥିଲେ। ଏହି ଅବସରରେ ନବନିର୍ବାଚିତ ସଭାପତି ଆଡଭୋକେଟ୍ ଶ୍ୱେଦେଶ ଦାସଙ୍କୁ ସମସ୍ତ କର୍ପୋରେଟର ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଦଳର ଆଗାମୀ କାର୍ଯ୍ୟକ୍ରମ ଓ ସହରର ବିକାଶ ଯୋଜନା ପାଇଁ ସମସ୍ତେ ସଂକଳ୍ପ ନେଇଛନ୍ତି। ଏହି ସମିଲ୍ଲନୀରେ ବାରବାଟୀ କଟକର ସମସ୍ତ କର୍ପୋରେଟରଙ୍କ ସହ ପ୍ରେମାନ୍ଶୁ ବେହେରା, ଅର୍ଦ୍ଧେନ୍ଦୁ ଶେଖର ମାଝି, ସରୋଜ କୁମାର କର,ଅଶୋକ କୁମାର ସିଂହ, ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ବିଇଓଙ୍କୁ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସ୍ୱାଗତ

କୁଚିଣ୍ଡା,୧୨।୬ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସୋରୋନିଆଙ୍କୁ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଗୁରୁବାର ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓଷ୍ଟା କୁଚିଣ୍ଡା ବ୍ଲକ ସଭାପତି ପ୍ରମୋଦ କର୍ସେଲଙ୍କ ନେତୃତ୍ୱରେ ସମ୍ପାଦକ କମଳଲୋଚନ ବେହେରା,ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଗତ କୁମାର ପଟେଲ,ଜିଲ୍ଲା କମିଟି ସଭ୍ୟ ଜେହେରୁଲାଲ ପଟେଲ,ଶ୍ରୀକାନ୍ତ ଚୌଧୁରୀ, ଲିଲି ପୁନମ ସୋରଙ୍ଗ,ରଶ୍ମି ରଞ୍ଜନ ମାଝି, ପୌଲସ୍ତି କୁମାର ପଟେଲ, ଚିତ୍ତରଞ୍ଜନ ପଣ୍ଡା,ଜୟଶଙ୍କର ପଟେଲ, ପ୍ରଦୀପ କୁମାର ପଟେଲ ପ୍ରମୁଖ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ବ୍ଲକରେ ଶିକ୍ଷାର ଉନ୍ନତି ଦିଗରେ ଆଲୋଚନା କରିବା ସହ ପ୍ରତ୍ୟେକ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଶିକ୍ଷା ଅଧିକାରୀ ସୋରୋନିଆ କହିଛନ୍ତି, ଶିକ୍ଷାରେ ସଂସ୍କାର ଆଣି ସମସ୍ତଙ୍କ ସହଯୋଗରେ ଶିକ୍ଷାର ଉନ୍ନତି କରାଯିବ।

# ଦିନକ ପରେ ରଜ :ରାସ୍ତାକଡ଼ ପାଲଟିଛି ପ୍ଲାଷ୍ଟିକ ଦୋଳିର ଆସର

ରମ୍ଭା,୧୨।୬ (ନିପ୍ର): ରମ୍ଭା ସାବୁଲିଆ ରାସ୍ତାକଡ଼ ପାର୍ଶ୍ୱ ଅଣ ଓଡ଼ିଆ ବେପାରୀଙ୍କ ଜମିଛି ରଙ୍ଗ ବେରଙ୍ଗର ପ୍ଲାଷ୍ଟିକ ଦୋଳି ବେପାର। ପେଟ ପାଇଁ କିଏ କେଉଁ ପ୍ରକାର ବେପାର ଆଦରି ଥିବା ବେଳେ ଅଣ ଓଡ଼ିଆ ବେପାରୀଙ୍କ ଓଡିଶାରେ କୋଣ ଅନୁକୋଣରେ ରଙ୍ଗ ବେରଙ୍ଗର ପ୍ଲାଷ୍ଟିକ ଦୋଳି କାନ୍ଧରେ ପକାଇ ସାହିବସ୍ତି ବୁଲୁଥିବା ବେଳେ ଅନ୍ୟ କେହି ରମ୍ଭା ଜାତୀୟ ରାଜପଥ ପାର୍ଶ୍ୱ ଦୋଳି ଝୁଲାଇ ବିକ୍ରିବଟା କରୁଥିବା ଲକ୍ଷ୍ୟ କରାଯାଇଛି। ନାଇଲନ ଦୋଳି ବିକ୍ରି କରି ଆଶାତୀତ ପଇସା ରୋଜଗାର କରି ସଂଗ୍ରହ କରୁଥିବା ଜଣାଯାଇଛି। ଆଧୁନିକତାର ଛାପରେ ଅଧିକାଂଶ ଅଞ୍ଚଳରେ ସେହି ପାରମ୍ପରିକ ଦୋଳି ହଜି ଯାଇଛି।



ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ କେହି କେହି ରଜ ଦୋଳି ଆମ୍ବ ତୋଟା, ଘର ମଝିରେ ଦୋଳି ବାନ୍ଧି କୁଆଁରୀ ଝିଅ ମାନେ ଦୋଳି ଖେଳୁଥିବା ଲକ୍ଷ୍ୟ କରାଯାଇଛି। ଦୋଳି ବେପାରୀ ମାନେ କଟନ, ନାଇଲନ ଓ ପ୍ଲାଷ୍ଟିକ ସୂତାରେ ବିଭିନ୍ନ ରଙ୍ଗ ବେରଙ୍ଗର ପ୍ରସ୍ତୁତି ଦୋଳି ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ଏଥି ସହିତ ମିଠା ପାନ ଏବଂ ବିଭିନ୍ନ ପ୍ରକାରର ପିଠାପଣା ତିଆରି କରାଯାଇ ପଡୋଶୀଙ୍କୁ ବଣ୍ଟନ କରୁଥିବା ନଜିର ରହିଛି।

# ୧୩୭ ବାଇକ, ୧୨୭ ମୋବାଇଲ ଓ ଲକ୍ଷାଧିକ ଟଙ୍କାର ସାମଗ୍ରୀ ବନ୍ଧକ ରଖି ବେଆଇନ ଋଣ କାରବାର ଅଭିଯୋଗରେ ଅଭିଯୁକ୍ତ ଗିରଫ

- ପ୍ରଚ୍ଛଦ ପଟର ଖୋଳତାଡ଼ କରୁଛି ଅଡ଼ବା ପୁଲିସ
- ଦୀର୍ଘ ବର୍ଷ ଧରି ଚାଲିଥିଲା କଳାକାରନାମା, ପୁଲିସ ସବୁ ଜାଣିଶୁଣି ନିରବଦ୍ରଷ୍ଟା !

ପାରଳାଖେମୁଣ୍ଡି,୧୨।୬ (ନିପ୍ର): ବାଇକ, ଘରପଟ୍ଟା ଓ ମୋବାଇଲ ବନ୍ଧକ ରଖି ବେଆଇନ ଋଣ କାରବାର ଅଭିଯୋଗରେ ଅଡ଼ବା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଅଡ଼ବା ଗ୍ରାମରୁ ଗିରଫ କରିଛି। ଅଭିଯୁକ୍ତ ଠାରୁ ୩ ଲକ୍ଷ ୬୧ ହଜାର ୨ଶହ ଟଙ୍କା ସହ ୧୩୭ଟି ବାଇକ ଓ ୧୨୭ ଗୋଟି ମୋବାଇଲ, ଏଟିଏମ୍ କାର୍ଡ ଛଅଟି ଓ ୧୦ ଟଙ୍କିଆ ବ୍ଲାଙ୍କ ଷ୍ଟାମ୍ପ ପେପରରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଜୁଆଡ଼ିଆଙ୍କ ଦସ୍ତଖତ କରି ଚକ୍ରବୃଦ୍ଧି ସୁଧରେ ଟଙ୍କା ଆଦାୟ କରିଥିଲେ। ସୂଚନାଯୋଗ୍ୟ ଦୀର୍ଘ ୫ ବର୍ଷ ଧରି ଏଭଳି କଳାକାରନାମା କରିଆସୁଥିଲେ ଅଡ଼ବା ଗ୍ରାମର କେ. ରବିନ୍ଦ୍ର ରେଡ଼ିଙ୍କ ପୁତ୍ର କେ. ଲିଙ୍ଗରାଜ ରେଡ଼ି (୩୫) ବର୍ଷୀୟ ଯୁବକ। ମୋହନା ଗାଁର ଚନ୍ଦ୍ର ଶେଖର ଦାସ ଏକ ପେସନ ପ୍ରୋ ବାଇକଟିକୁ ରବିଙ୍କ ନିକଟରେ ୨୦ ହଜାର ଟଙ୍କାରେ ବନ୍ଧକ ରଖିଥିଲେ। ବନ୍ଧକ ପରେ ଶେଖର ଯେତେବେଳେ ବାଇକ ନେବା ପାଇଁ ଆସିଥିଲା ସେତେବେଳେ ବାଇକଟିକୁ ରବୀନ୍ଦ୍ର ଫେରାଇ ନଥିଲା। ଫଳରେ ଶେଖର ଅଡବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସର ତଦନ୍ତରେ ଆଳୁଖୋଳୁଖୋଳୁ ମହାଦେବ ବାହାରିଥିଲେ। ଘର ଭିତରୁ ଏତେ ବାଇକ ବାହାରିଲା ଯେ, ପୁଲିସ ଏଭଳି କଳ କାରନାମା ଦେଖି ତାଜୁବ ହୋଇଯାଇଥିଲା। ଏଭଳି ଘଟଣା ଦେଖିବା ପରେ ପୁଲିସ ଗୋଟିଏ ପରେ ଗୋଟିଏ ବାଇକକୁ ଘର ଭିତରୁ ବାହାର ଗାଡ଼ିରେ ଲୋଡ଼ କରି ଥାନାକୁ ଆଣିଥିଲା। ଅଭିଯୁକ୍ତ ରବିନ୍ଦ୍ର ଦୀର୍ଘ ଦିନରୁ ଅଡବା ଅଞ୍ଚଳରେ ବେଆଇନ ଭାବେ ଋଣ କାରବାର କରି ଆସୁଥିଲା। ନିରାହ ଲୋକଙ୍କ ଠାରୁ ଓ ଜୁଆଡ଼ିଙ୍କ ଠାରୁ ବାଇକ ଓ ମୋବାଇଲ ବନ୍ଧକ ରଖି ଋଣ ଦେଇ ଚକ୍ର ବୃଦ୍ଧି ହାରରେ ସୁଧ ଟଙ୍କା ଆଦାୟ କରୁଥିଲା। ପୁଲିସ ଏହି ଖବର ଜାଣିବା ପରେ ଚଢାଉ କରି ୧୩୭ ଟି ବାଇକ, ୧୨୭ ଗୋଟି ମୋବାଇଲ୍ ଓ ନଗଦ ୩ ଲକ୍ଷ ୬୧ ହଜାର ଦୁଇ ଶହ ଟଙ୍କା ସହ ଗାଡ଼ିର କାଗଜ ପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏପରିକି ନିରାହ ଲୋକଙ୍କ ଅସୁବିଧା ଦେଖି ଦଶ ଟଙ୍କିଆ ଓ ୨୦ ଟଙ୍କିଆ ଷ୍ଟାମ୍ପ ପେପରରେ କିଛି ନଲେଖି ଶେଷ ଭାଗରେ ଦସ୍ତଖତ କରାଇ ଦାମୀ ଦାମୀ ଜିନିଷ ବେଆଇନ ଭାବେ ବନ୍ଧକ ରଖିଥିଲେ ଅଭିଯୁକ୍ତ। ନିରୀହ ଲୋକେ ବାଇକ ମୋବାଇଲ ବନ୍ଧକ ରଖି ଜୁଆ ଅଡ୍ଡାରେ ଟଙ୍କା ଲଗାଇଥାନ୍ତି। ଯାହାର ସୁଯୋଗ ନେଇ ବର୍ଷ ବର୍ଷ ଧରି ଏମିତି ଲୋକଙ୍କୁ ଠକି ଚାଲିଥିଲା ଅଭିଯୁକ୍ତ ଜଣକ।ଯାହାକୁ ନେଇ ଆଜି ଅଡବା ପୁଲିସ ଅଭିଯୁକ୍ତର ଘର ତଲାସି କରି ତାକୁ ଗିରଫ କରିବାର ସଫଳ ହୋଇଥିବା କୁହାଯାଉଛି। ରା. ଉଦୟଗିରି ଏସଡ଼ିପିଓଙ୍କ ନେତୃତ୍ୱରେ ଅଡବା ଥାନା ଅଧିକାରୀ ସନ୍ତୋଷ କୁମାର ବିଷୋୟୀ, ଅତିରିକ୍ତ ଥାନା ଅଧିକାରୀ ନଳନୀ କୁମାରୀ କହଁର ଓ ଏସଆଇ ପ୍ରଶନ୍ନ କୁମାର ପରିଡ଼ା, ସୌମ୍ୟରଞ୍ଜନ



ବରାଡ଼ ଓ କମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ। ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଠକେଇ,ଆଦି ମାମଲା ରୁଜୁ କରାଯାଇଥିବା ଏସଡ଼ିପିଓ ଶ୍ରୀ ସାହୁ ଅଡ଼ବା ଥାନା ପରିସରରେ ସମ୍ମିଳିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଧାମନଗରର ଐତିହ୍ୟ 'ଜଗୁସାଗର'ର ହେବ କାୟାକଳ୍ପ

## ୯ କୋଟି ଅନୁଦାନରେ ଆରମ୍ଭ ହେଲା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

ଧାମନଗର,୧୨।୬ (ନିପ୍ର): ଧାମନଗର ବଜାର ସନ୍ନିକଟରେ ପୁରାତନ ଐତିହ୍ୟ ତଥା ପ୍ରାୟ ୧୨ ଏକର ପରିମିତ କ୍ଷେତ୍ରଫଳ ବିଶିଷ୍ଟ 'ଜଗୁ ସାଗର ପୋଖରୀ'ର ଦିନ ବଦଳିବାକୁ ଯାଉଛି। ଦୀର୍ଘ ଦିନର ଅବହେଳା ଓ ଜବରଦଖଲ ପରେ ଏବେ ଏହି ପୋଖରୀର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ପାଇଁ ନୂତନ ସରକାରଙ୍କ ସହରାଞ୍ଚଳ ଯୋଜନାରେ ପ୍ରାୟ ୯ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ନିକଟରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୋଖରୀ କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଛନ୍ତି।

କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଓ ନିର୍ମାଣ ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରି ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, 'ଐତିହ୍ୟର ସୁରକ୍ଷା ଓ ଜନସାଧାରଣଙ୍କ ସୁବିଧା ହେଉଛି ଆମର ପ୍ରାଥମିକତା। ଜଗୁସାଗର ପୋଖରୀର ନବୀକରଣ କେବଳ ଏକ ଉନ୍ନୟନମୂଳକ କାର୍ଯ୍ୟ ନୁହେଁ, ବରଂ ଧାମନଗରର ଗୌରବମୟ ଐତିହ୍ୟକୁ ସଂରକ୍ଷଣ କରିବାର ଏକ ନିଷ୍ଠାପର ପ୍ରୟାସ।' ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ଏହି ପୋଖରୀର ପଙ୍କୋଦ୍ଧାର ପାଇଁ ଆସିଥିବା ୩୦ ଲକ୍ଷ ଟଙ୍କାର ବ୍ୟୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅନେକ ପ୍ରଶ୍ନ ଉଠିଥିଲା। ମାତ୍ର କିଛି ଟ୍ରିପ ମାଟି ପକାଇ ବାକି ଅର୍ଥ ହରିଲୁଟ ହୋଇଯାଇଥିବା ନେଇ ପୂର୍ବରୁ ଅଭିଯୋଗ ରହିଛି। ଅନ୍ୟପଟେ, ପୋଖରୀର ଚତୁଃପାର୍ଶ୍ୱରେ ହୋଇଥିବା ବେଆଇନ ଜବରଦଖଲ ଓ ପକ୍କା ଘର ନିର୍ମାଣ ଉନ୍ନୟନ କାର୍ଯ୍ୟରେ ବଡ଼ ପ୍ରତିବନ୍ଧକ ସାଜିଛି। ସ୍ଥାନୀୟ ବାସିନ୍ଦାମାନେ ଆଶା ବାନ୍ଧିଛନ୍ତି ଯେ, ଏଥର ୯ କୋଟିର ଅନୁଦାନ ଯେପରି ସଠିକ ଭାବେ ବିନିଯୋଗ ହେବ ଏବଂ ଜବରଦଖଲ ଉଚ୍ଛେଦ କରାଯାଇ ପୋଖରୀର ସ୍ୱାତନ୍ତ୍ର୍ୟ ରକ୍ଷା କରାଯିବ।ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଜଗୁସାଗର ପୋଖରୀ କେବଳ ଧାମନଗରର ଏକ ସୌନ୍ଦର୍ଯ୍ୟମୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ି ଉଠିବ ନାହିଁ, ବରଂ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଶାନ୍ତିପୂର୍ଣ୍ଣ ଓ ଆକର୍ଷଣୀୟ ପରିବେଶ ପ୍ରଦାନ କରିବ। ତେବେ ଗୁରୁବାର ମନ୍ତ୍ରୀଙ୍କ ଏହି ଅଚାନକ କାର୍ଯ୍ୟ ଅନୁଧ୍ୟାନ ସମୟରେ ସେ କହିଛନ୍ତି ଅଧିକ ଟଙ୍କାର ଆବଶ୍ୟକ ପଡ଼ିଲେ ରାଜ୍ୟସରକାର ଦେବେ।

# ରଜ ପାଇଁ ସଜବାଜ ଆରମ୍ଭ

## ଆମ୍ବ ପଣସ ଦର ଆକାଶଛୁଆଁ

ପୁରୀ,୧୨।୬ (ନିପ୍ର); ପାଖେଇ ଆସୁଛି ରଜ। ଓଡ଼ିଆ ମାନଙ୍କର ଏକ ମୁଖ୍ୟ ପର୍ବ ନିମନ୍ତେ ଘରେ ଘରେ ପାଳନ କରିବା ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆମ୍ବ ପଣସ ଓ ଅନ୍ୟାନ୍ୟ ଫଳରେ ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇଥିବା ଯୋଗୁଁ ଖାଉଟି ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରହ୍ମଗିରି ସ୍ଥିତ ବାଲି ହରଚଣ୍ଡୀ ପୀଠରେ ରଜ ପର୍ବ ପାଇଁ ଅସ୍ଥାୟୀ ଦୋକାନ ବଜାର ଓ ଶିବିର ମାନ ହଟାଇବା ହୋଇଯାଇଛି। ମାଙ୍କ ପୀଠରେ ଉତ୍ସବ ଅବସରରେ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଶାନ୍ତି ଶୃଙ୍ଖଳାରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଟ୍ରାଫିକ ନିୟମକୁ କଡାକଡି କରାଯାଇଛି।

# ବିଭାଗ ଚୁପ୍, ଠିକାଦାର ମର୍ଜିରେ ଅଧାପନ୍ତରିଆ ପଡିରହିଛି ଛାତ୍ରାବାସ କୋଠା

ବଣାଇ,୧୨।୬ : (ନିପ୍ର )ବଣାଇ ବ୍ଲକ ଅନ୍ତର୍ଗତ କଷଡା ପଞ୍ଚାୟତ ଅଧୀନସ୍ଥ କଷଡା କ୍ଲଷ୍ଟର କଷଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସରକାରଙ୍କ ପକ୍ଷରୁ ଛାତ୍ରଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଦୁଇ ମହଲା ବିଶିଷ୍ଟ କୋଠା ଘର ସାମାନ୍ୟ ଆରମ୍ଭ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏହାର ଅଗ୍ରଗତି ବିଷୟରେ କାହାରି ପାଖରେ ସୂଚନା ନାହିଁ। ଅନ୍ୟପଟେ କୋଠାର ଖର୍ଚ୍ଚ ବିବରଣୀ ନାମ ଫଳକ ଏଯାଏଁ ହୋଇପାରିନାହିଁ। ଫଳରେ କୋଠାଟି କେତେ ଟଙ୍କାର ଅଟକଳ ତାହା ଜଣାପଡୁ ନାହିଁ। ପୂର୍ତ୍ତବିଭାଗ ଏହି କାର୍ଯ୍ୟ ସମ୍ଭାଳୁଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ବ୍ୟୟ ବରାଦ ହୋଇଥିବା ଜଣାପଡିଛି। ବିଦ୍ୟାଳୟର ଏହି କୋଠା ତିଆରି ପାଇଁ ଜମି ଗ୍ରହଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟାରେ କଷଡା ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଠିକାଦାର ଜଣଙ୍କ ଇଚ୍ଛା ମୁତାବକ କାମ କରୁଥିବାରୁ ଏହାର ସମ୍ପୂର୍ଣ୍ଣ ନେଇ ବିଦ୍ୟାଳୟ ଅଭିଭାବିକା ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଠା ପାଇଁ ଆବଶ୍ୟକ ଉପକରଣ ଯଥା ଇଟା, ବାଲି,ଛଡ, ସିମେଣ୍ଟ ପାଇଁ ରକ୍ଷଣାବେକ୍ଷଣ ପାଇଁ କାହାକୁ ରଖି ନଥିବାରୁ ଅଧାରୁ ଅଧିକ ଜିନିଷ ଅସାଧୁମାନେ ଚୋରି କରି ନେଇସାରିଲେଣି। ଆଉ ଏକ ଚିନ୍ତାଜନକ ବିଷୟ ହେଲା ଠିକାଦାର ଜଣଙ୍କ ଯେଉଁ ମିସ୍ତ୍ରୀ, ଲେବର ମାନଙ୍କୁ ଆଣି କାମ କରୁଥିଲା ସେମାନଙ୍କୁ ତାଙ୍କ ତାଙ୍କ ପ୍ରାପ୍ୟ ଦେଇନଥିବାରୁ ସେମାନେ ନିଜେ ବିଭିନ୍ନ ସାମଗ୍ରୀ ଚୋରାରେ ବିକ୍ରି କରି ପଳେଇଯାଇବା ବିଶେଷ ସୂତ୍ରରୁ ଜଣାପଡିଛି। କୋଠାର ଅଟକଳ ବ୍ୟବହୃତ ଜିନିଷ ଯଦି ଏମିତି ଆତ୍ମସାତ ହେବ କୋଠାର ସଠିକ୍ ନିର୍ମାଣ ନିମ୍ନମାନର ହେବ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ସଂପୃକ୍ତ ଠିକାଦାର ଜଣଙ୍କ ବ୍ଲକରେ ୩ଟି ସ୍କୁଲର ହଷ୍ଟେଲ ନିର୍ମାଣ ପାଇଁ ଟେଣ୍ଡର ନେଇ ଥିବା ବେଳେ କଷଡା,



ବିଜାକୁଲି ହଷ୍ଟେଲ ଓ ଆଉ ଗୋଟେ ନୂଆଗାଁ ସ୍କୁଲ୍ କୋଠା ରହିଥିବା ଜଣାପଡିଛି। ସେଗୁଡିକ ମଧ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ବେଳେ ସେଠାର ସ୍ଥିତି ମଧ୍ୟ ସମାନ ଧରଣର। ତେବେ ସେହି ଠିକାଦାର ଜଣଙ୍କ ଅଧାପନ୍ତରିଆ ଭାବେ ପକାଇ ରଖି ଥିବାରୁ ଏହା କେବେ ସମ୍ପୂର୍ଣ୍ଣ ହେବ ଆଉ ଅନ୍ତେବାସୀ ମାନେ କେବେ ରହିବେ ତାହା ଦେଖିବାକୁ ବାକି ରହିଛି। କଷଡା ବିଦ୍ୟାଳୟ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମୋଟ ୧୪୦ ଜଣ ପାଠ ପଢୁଛନ୍ତି। ବିଦ୍ୟାଳୟରେ ଥିବା ପୁରୁଣା ହଷ୍ଟେଲ ଘରଟି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିବାରୁ ଚଳିତ ବର୍ଷ ଛାତ୍ରାବାସରେ କେମିତି ପିଲା ସୁରକ୍ଷିତ ରହିବେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ପ୍ରଶାସନ, ଶିକ୍ଷା ବିଭାଗ, କାର୍ଯ୍ୟ ବିଭାଗ ଦୃଷ୍ଟି ଦେଇ ଉକ୍ତ ଠିକାଦାରଙ୍କୁ ଚେତାବନୀ ଦେବା ସହ ଅଧାପନ୍ତରିଆ ହଷ୍ଟେଲ ଘରକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ତାଗିଦ୍ କଲେ ଶିକ୍ଷାର ଭିତ୍ତିଭୂମି ସୁଧୁରି ପାରିବ ବୋଲି ଶିକ୍ଷାବିତ ତଥା ଅଞ୍ଚଳର ବୁଦ୍ଧିଜୀବୀ ମତାମତ ରଖିଛନ୍ତି।

# ଜଟଣୀ ସାହିତ୍ୟ ସଂସଦ ପାଳନ କରିବ ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଜଟଣୀ,୧୨।୬ (ନିପ୍ର): ଜଟଣୀ ସାହିତ୍ୟ ସଂସଦର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଶନିବାର ଓ ତା ୧୪.୬.୨୬ ରିଖ ରବିବାର ଦୁଇଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସମାରୋହ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପରିସରରେ ପାଳନ ହେବାକୁ ଯାଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ଡ ପ୍ରଫୁଲ କୁମାର ମହାନ୍ତି, ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜିଲ୍ଲାପାଳ ଅମ୍ରିତ ରତୁରାଜ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଶିକ୍ଷାବିତ ଡ ମୃତ୍ୟୁଞ୍ଜୟ ରଥ, ଡ ଚନ୍ଦ୍ରଶେଖର ହୋତା, ପଦ୍ମଶ୍ରୀ ଡ ଦେବୀପ୍ରସନ୍ନ ପଟ୍ଟନାୟକ, ଡ ପ୍ରତିଭା ମହାରଥୀ, ଡ ଲୋକନାଥ ତ୍ରିପାଠୀ, ବରିଷ୍ଠ କବି ସୂର୍ଯ୍ୟ ମିଶ୍ର ପ୍ରମୁଖ ଯୋଗ ଦେବେ ବୋଲି ରାମଚନ୍ଦ୍ରପୁରବଜାର ସ୍ଥିତ ସାହିତ୍ୟ ସଂସଦ ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଂସଦର ସମ୍ପାଦକ ସତ୍ୟବାଦୀ ସାହୁ।

# ଉଗ୍ରତାରା ପୀଠରେ ରଜ ଯାତ୍ରାକୁ ଆଉ ରହିଲା ୨ ଦିନ

## ସବୁ ଉନ୍ନତିମୂଳକ କାର୍ଯ୍ୟ ଅଧାପନ୍ତରିଆ, ଲଗାଯାଇଥିବା ସୋଲାର ଷ୍ଟ୍ରିଟ ଲାଇଟ ନାହିଁ

ନିରାକାରପୁର,୧୨।୬ (ନିପ୍ର): ରାଜ୍ୟର ଅନ୍ୟତମ ଶକ୍ତି ପୀଠ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ ମୁଳିଝର ଗଡ଼ରେ ବିଦ୍ୟମାନ ମା' ଉଗ୍ରତାରାଙ୍କ ପୀଠରେ ଆଉ ଦୁଇ ଦିନରେ ଅନୁଷ୍ଠିତ ହେବାକୁ ଯାଉଛି ପ୍ରସିଦ୍ଧ ରଜ ଯାତ୍ରା ଓ ମା ଉଗ୍ରତାରା ମହୋତ୍ସବ। ମନ୍ଦିରର ଉନ୍ନତିକରଣ ସହ ମାଙ୍କ ପୀଠ ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶିଳାନ୍ୟାସ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ କରିଥିଲେ। ମା'ଙ୍କ ପୀଠ ର ନବୀକରଣ ହେବା ଦ୍ୱାରା ଭକ୍ତ ମାନେ ନୂତନ ଅନୁଭବ ପାଇବା ସହ ବହୁ ଭକ୍ତଙ୍କର ସମାଗମ ହେବ। ଭକ୍ତମାନେ ପରିକ୍ରମା ମାର୍ଗ ରେ ଯାଇ ମା' ଉଗ୍ରତାରାଙ୍କୁ ଦର୍ଶନ କରିପାରିବେ ବୋଲି ଉଦ୍ୟମ କରାଯାଇଥିଲା। ପରେ ସରକାର ପରିବର୍ତ୍ତନ ହେଲା କାର୍ଯ୍ୟ ବନ୍ଦ ହୋଇ ରହିଯିବା ସହିତ ପୁନର୍ବାର ଏହି କାର୍ଯ୍ୟର ମୂଲ୍ୟକୁ ପ୍ରାୟେ ୩୪ କୋଟିକୁ ବୃଦ୍ଧି ହୋଇଥିଲା। ଖ୍ୟାତନାମା ଉଗ୍ରତାରାଙ୍କ ମନ୍ଦିର ୧୬ନଂ ଜାତୀୟ ରାଜପଥଠାରୁ ୩ କିଲୋମିଟର ଦୂର ସହ ଭୂଷଣ୍ଡପୁର ରେଳ ଷ୍ଟେସନ ଠାରୁ ଏକ କିଲୋମିଟର ଦୂରରେ ଅବସ୍ଥିତ।ବହୁ ପୁରାତନ ମନ୍ଦିର ହୋଇଥିବାରୁ ପ୍ରତ୍ୟେକ ଦିନ ଏହି ପୀଠକୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୦୨୨ ନଭେମ୍ବର ୨୧ ତାରିଖରେ ୫ ଟି ଅଧକ୍ଷ ମା ଉଗ୍ରତାରାଙ୍କ ମନ୍ଦିରକୁ



ଅଚାନକ ପରିଦର୍ଶନ କରି ଏହାର ରୂପାନ୍ତରିଣ ଯୋଜନାର କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ତାହା ପରଖି ଥିଲେ।ମା ଉଗ୍ରତାରାଙ୍କ ପରିକ୍ରମା ମାର୍ଗ ସହ ସେବାୟତଙ୍କ ବିଶ୍ରାମ ଭବନ, ତୀର୍ଥ ଯାତ୍ରୀ ବିଶ୍ରାମ ଗୃହ,ଦୋକାନ ଘର,ଭୋଗ ମଣ୍ଡପ, ସୂଚନା କେନ୍ଦ୍ର ସହ ମନ୍ଦିର ପୁଷ୍କରିଣୀ ସମୂହର କାର୍ଯ୍ୟ ପାଇଁ ୨୪ କୋଟି ୪୫ ଟଙ୍କା ମଞ୍ଜୁର କରାଯାଇଥିଲା। ଏହାର ନିର୍ମାଣ ଦାୟିତ୍ୱ ଓବିସିସିକୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟ ଆରମ୍ଭ କରି ୨୦୨୫ ଏପ୍ରିଲ ୧୯ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ସରକାର ପରିବର୍ତ୍ତନ ହେବା ପରେ ଅର୍ଥ ରାଶି ବଢ଼ିଛି କିନ୍ତୁ ଉକ୍ତ କାର୍ଯ୍ୟ ଏବେ ଅଧାପନ୍ତରିଆ। କୌଣସି କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶେଷ ହୋଇନାହିଁ। ଏମିତିକି ଏକ ହାଇମାକ୍ସ ଲାଇଟ୍ କେବଳ ଖୁଣ୍ଟ ପୋତା ହୋଇଥିବାବେଳେ ଲାଇଟ୍ ଲଗିନି। ଖୋର୍ଦ୍ଧା ଜିଲ୍ଲା ମୁଳିଝରଗଡ ମା ଉଗ୍ରତାରାଙ୍କ ପୀଠ ଏକ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବାବେଳେ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ପୀଠ କୁ ଓଡ଼ିଶା ଓ ରାଜ୍ୟ ବାହାରରୁ ଦୈନନ୍ଦିନ ଶହ ଶହ ପର୍ଯ୍ୟଟକ ଓ ଭକ୍ତ ଆସୁଛନ୍ତି। ପୁଣି ଆଗରୁ ୧୬ ନଂ ଜାତୀୟ ରାଜପଥରୁ ଉଗ୍ରତାରା ମନ୍ଦିରକୁ ଯିବାକୁ ସହଜ ଥିବାବେଳେ ଜାତୀୟ ରାଜପଥ ସମ୍ପ୍ରସାରଣ ପରେ ଏହି ଛକରେ ଏକ ଓଭର ବ୍ରିଜ ନିର୍ମାଣ କରାଯାଇଛି। ଫଳରେ ଏହି ପୀଠକୁ ଯାତାୟାତ କରିବା ପାଇଁ ଏହି ସ୍ୱାଗତ ଗେଟର ଭୂମିକା ଗୁରୁତବପୂର୍ଣ୍ଣ ରହିଛି। ଆଗରୁ ଏଥିରେ ଅନେକ ଆଲୋକ ବ୍ୟବସ୍ଥା କରାଯାଇଥିବାବେଳେ ଏବେ ଆଉ ମାତ୍ର ଗୋଟିଏ ଲାଇଟ୍ ବି ଲାଇଟ୍ ନାହିଁ। ଏହି ପୀଠକୁ ଜାତୀୟ ରାଜପଥରୁ ମନ୍ଦିର ପର୍ଯ୍ୟନ୍ତ ଆସିବା ବାଟର ଉଭୟ ପାର୍ଶ୍ୱରେ ସାଂସଦଙ୍କ ଉଦ୍ୟମରେ ସୋଲାର ଷ୍ଟ୍ରିଟ ଲାଇଟ ଲଗାଯାଇଥିବା ବେଳେ ଆଉ ଗୋଟିଏ ବି ଲାଇଟ ନାହିଁ। ଅସାମାଜିକ ଲୋକେ ଏହାକୁ ଭାଙ୍ଗି ଉପାଡ଼ି ନେଇଗଲେ। ରଜ ଯାତ୍ରା ଆଉ ମାତ୍ର ୨ ଦିନ ଥିବାବେଳେ ବହୁ ସଂଖ୍ୟାରେ ଜନସାଧାରଣ ଓ ବେପାରୀ ଭାଇ ମାନଙ୍କର ସମାଗମ ହେବ। କିନ୍ତୁ ଏଠାରେ ଓଟିଡିସି ଓ ଭୁବନେଶ୍ୱର ଲାୟନସ କ୍ଲବ୍ ତରଫରୁ ଥିବା ଶୌଚାଳୟ ଓ ଅନ୍ୟ ଏକ ଜିଲ୍ଲାପରିଷଦ ଅର୍ଥ ଦ୍ୱାରା ନିର୍ମାଣ ଶୌଚାଳୟ ଏବେ ଭକ୍ତଙ୍କ ଭରସା। ରଜ ଯାତ୍ରା ଓ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶେଷ ହୋଇଥିବାବେଳେ ରଜ ଯାତ୍ରା ୧୪ ତାରିଖ ରୁ ୨୧ ତାରିଖ ପର୍ଯ୍ୟନ୍ତ ଓ ମହୋତ୍ସବ ୧୫ ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି।

## ଭାରତୀୟ ଲଙ୍କାକୁ ଚୀନର ପ୍ରତ୍ୟାଖାନ

ନୂଆଦିଲ୍ଲୀ, ୧ ୨।୬: ଚାଉଳ ପରେ ଏବେ ଭାରତୀୟ ଲଙ୍କାକୁ ଚୀନର ପ୍ରତ୍ୟାଖାନ। ରପ୍ତାନୀ ହୋଇଥିବା ଶୁଖିଲା ଲଙ୍କାକୁ ଫେରାଇ ଦେଲା ଚୀନ। ଯାହାକି କୃଷକ ଏବଂ ଲଙ୍କା ଯୋଗାଣକାରୀଙ୍କ ମଧ୍ୟରେ ଚିନ୍ତାର ବିଷୟ ପାଲଟିଛି। ଚୀନ ଏଭଳି କରିବା ଦ୍ୱାରା ଭାରତୀୟ ମସଲା ବଜାରରେ ବିଶେଷକରି ବ୍ୟବସାୟୀଙ୍କ ଉପରେ ଏହାର ବେଶୀ ପ୍ରଭାବ ପଡ଼ିଛି। ଅଧିକ ମାତ୍ରାରେ ରପ୍ତାନୀ ହୋଇଥିବା ଲଙ୍କା ଫେରିଆସିଲେ ମୋଟା ଅଙ୍କର ଆର୍ଥିକ କ୍ଷତି ସହିବାକୁ ପଡ଼ିବ ବୋଲି ଚିନ୍ତା ବଢିଛି। ଖାଲି ସେତିକି ନୁହେଁ ଚୀନ ତିନୋଟି ଭାରତୀୟ ରପ୍ତାନୀକାରୀ କମ୍ପାନୀ ଉପରେ ମଧ୍ୟ ଅସ୍ଥାୟୀ ଭାବରେ ରୋକ୍ ଲଗାଇଛି। ଚୀନ ଅଭିଯୋଗ କରିଛି ଯେ, ଏହି ଲଙ୍କା ଗୁଡ଼ିକରେ ମେଥାମିଡୋଫୋସ ନାମକ ଏକ କୀଟନାଶକ ଅଧିକ ମାତ୍ରାରେ ବ୍ୟବହାର କରାଯାଉଛି। ଏହା ଏଭଳି ଏକ କେମିକାଲ୍ ଯାହାକୁ ଖାଇବା ଦ୍ୱାରା ମଣିଷ ଶରୀରର ନର୍ଭସ୍ ସିଷ୍ଟମ ଉପରେ ମାରାତ୍ମକ ପ୍ରଭାବ ପଡ଼ିବ। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କୀଟନାଶକ ବ୍ୟବହାର କରିବାକୁ ଭାରତରେ ଔପଚାରିକ ଭାବେ ଅନୁମତି ମିଳିନାହିଁ। ତାହେଲେ ଚାଷୀମାନେ ଏହି କୀଟନାଶକ କେମିତି ପାଇବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚୀନର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଦାବି ହୋଇଛି। ସୂଚନା ଥାଉକି, ଗତ ମାସରେ ଚୀନ ଭାରତର ଚାଉଳକୁ ପ୍ରତ୍ୟାଖାନ କରିଥିଲା। ଭାରତୀୟ ଚାଉଳରେ ଜେନେଟିକାଲ ମଡିଫାଇଡ୍ ତତ୍ତ୍ୱ ଥିବା ଚୀନ ଦାବି କରିଥିଲା। ଏବେ ଲଙ୍କା ଫେରାଇ ଦେବାରୁ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢିଛି। ଚୀନରୁ ବ୍ୟାକ୍ ଟୁ ବ୍ୟାକ୍ ଏଭଳି ପ୍ରତ୍ୟାଖାନ ଯୋଗାଣକାରୀଙ୍କ ମଧ୍ୟରେ ଚିନ୍ତା ବଢାଇ ଦେଇଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଚୀନର ଏହା ଚାଲାକି ହୋଇଥାଇପାରେ। ଏହା ପଛରେ ଡ୍ରାଗନର କୌଣସି ସୁଚିନ୍ତିତ ବ୍ୟବସାୟିକ ରଣନୀତି ଥାଇପାରେ।

## କୋଲକାତାରେ ମମତାଙ୍କ ନାଁରେ ମାମଲା ରୁଜୁ



ନୂଆଦିଲ୍ଲୀ, ୧ ୨।୬: ବଢ଼ିବାରେ ଲାଗିଛି ମମତାଙ୍କ ଚିନ୍ତା। କେତେ ରାଜ୍ୟରେ ବିଧାୟକଙ୍କ ବିଦ୍ରୋହ ତ ପୁଣି ଦିଲ୍ଲୀରେ ପାୱାର କଟ୍ କରୁଛନ୍ତି ସାଂସଦ । ପଶ୍ଚିମବଙ୍ଗ ନିର୍ବାଚନରେ ଟିଏମସିର ଶୋଚନୀୟ ପରାଜୟ ପରେ ଦିଦିଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଅନେକ ବଡ଼ ବଡ଼ ନେତା ଧୋକା ଦେଉଥିବାବେଳେ ଅନେକ ଦଳ ଛାଡ଼ି ଚାଲି ଯାଉଛି । ଏହାରି ଭିତରେ ବୋଝ ଉପରେ ଲଳିତା ବିଡ଼ା ଭଳି ମମତାଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି। କୋଲକାତାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଉତ୍ତେଜନା ମୂଳକ ବୟାନ ପାଇଁ କୋଲକାତାର ହେୟାର ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ ହୋଇଛି । ଗତ ଜୁନ ୨ ତାରିଖରେ କୋଲକାତାରେ ଏକ ଜନସଭାରେ କାହାର ନାମ ନନେଇ ବାଂଲାଦେଶର ଛାତ୍ରନେତା ହାଦିଙ୍କ ହତ୍ୟା ସମ୍ପର୍କରେ ଏକ ବିବାଦୀୟ ବୟାନ ଦେଇଥିଲେ । ଏହି ଘଟଣାରେ ପୂର୍ବରୁ ସିଲିଗୁଡ଼ିରେ ତାଙ୍କ ବିରୁଦ୍ଧରେ ସିଲିଗୁଡ଼ିରେ ଏକ ମାମଲା ରୁଜୁ ହୋଇଥିଲା । ଆଉ ଏବେ କୋଲକାତାରେ ଆଉ ଏକ ମାମଲା ରୁଜୁ ହୋଇଛି । ଏହାସହ ନିର୍ବାଚନ ପ୍ରଚାର ସମୟରେ ମଧ୍ୟ ମମତା ଏକ ବିବାଦୀୟ ବୟାନ ଦେଇଥିଲେ ।

## ପିନାରାୟୀ ବିଜୟନଙ୍କ ଝିଅ ବୀଣାଙ୍କୁ ଇଡି ସମନ୍

କୋଚି, ୧ ୨।୬: କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନଙ୍କ ଝିଅ ବୀଣା ଟିଙ୍କୁ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସଦ୍ୟ ସମନ୍ ଜାରି କରିଛି। ଏକ ମନି ଲଣ୍ଡରିଂ ମାମଲାରେ ଆସନ୍ତା ଜୁନ୍ ୧୭ ତାରିଖରେ ହାଜର ହେବାକୁ ଇଡି ବୀଣାଙ୍କୁ ସମନ୍ କରିଛି। ବୀଣାଙ୍କୁ ପୂର୍ବରୁ ଜୁନ୍ ୧ ୨ ତାରିଖରେ ସମନ୍ କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଏହାକୁ ଘୁଞ୍ଚାଇବାପାଇଁ କହିଥିଲେ। ଇଡି ପୂର୍ବରୁ ବୀଣାଙ୍କୁ ଜୁନ୍ ୧ ୨ ତାରିଖରେ ଜେରା ପାଇଁ କୋଚି ଶାଖାରେ ହାଜର ହେବାପାଇଁ କହିଥିଲା।

## ରୁଷିଆ ତେଲକୁ ନେଇ ଆମେରିକାକୁ ଜୟଶଙ୍କରଙ୍କ ସମାଲୋଚନା

ନୂଆଦିଲ୍ଲୀ, ୧ ୨ ।୬: ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ତେଲ ରାଜନୀତି ଉପରେ ଆମେରିକା ଏବଂ ୟୁରୋପକୁ କଡ଼ା ସମାଲୋଚନା କରିଛନ୍ତି। ସେ ରୁଷିଆ ତେଲ କ୍ରୟ ସମ୍ପର୍କରେ ଆମେରିକାକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ଫିନଲ୍ୟାଣ୍ଡରୁ ଭାଷଣ ଦେଇ ଜୟଶଙ୍କର ସ୍ପଷ୍ଟ ଭାବରେ ଆମେରିକାକୁ ଏହି ବାହାନା ଛାଡିବାକୁ କହିଥିଲେ, କହିଥିଲେ ଯେ ଭାରତ ଆମେରିକାର ତେଲ-ସମ୍ବନ୍ଧୀୟ ଖେଳ ବିଷୟରେ ଭଲ ଭାବରେ ଅବଗତ। ସେ ଜୋର ଦେଇ କହିଥିଲେ ଯେ ଭାରତ ରୁଷିଆରୁ ତେଲ କ୍ରୟ କରିବା ସମୟରେ ସର୍ବଦା ତାର ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଇଆସିଛି, ଚାପ କିମ୍ବା କାହାଣୀର ବଶବର୍ତ୍ତୀ ହେବା ଅପେକ୍ଷା ମୂଲ୍ୟ ଏବଂ ଉପଲବ୍ଧତା ଉପରେ ଆଧାର କରି ନିଷ୍ପତ୍ତି ନେଇଛି। ସେ ସମସ୍ତଙ୍କୁ ମନେ ପକାଇ ଦେଇଛନ୍ତି ଯେ ରୁଷିଆ ତେଲ କ୍ରୟ – ଯାହା ଏବେ ପ୍ରଶ୍ନ କରାଯାଉଛି – ଏହା ଆମେରିକା ଥରେ ଭାରତକୁ କରିବାକୁ ଅନୁରୋଧ କରିଥିଲା । ଚେତାବନୀ ଦେଇଥିଲା ଯେ ଅନ୍ୟଥା ବଜାର ବିପର୍ଯ୍ୟୟର ସମ୍ମୁଖୀନ ହେବ । ବିଶ୍ୱ ତୈଳ ବଜାରକୁ ସ୍ଥିର କରିବାରେ ସାହାଯ୍ୟ କରିବା ପାଇଁ ଆମେରିକା ବିଶେଷ ଭାବରେ ରୁଷିଆ ତେଲ କିଣିବାକୁ ଭାରତକୁ ଅନୁରୋଧ କରିଥିଲା।

## ୟୁପି ଭୋଟର ତାଲିକାରେ ସ୍ମୃତି ଇରାନୀଙ୍କ ନାଁ ନାହିଁ

ଆମେଠି, ୧ ୨।୬: ଉତ୍ତର ପ୍ରଦେଶ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ଭୋଟିଂ ତାଲିକାରେ ଆମେଠିର ପୂର୍ବତନ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ନାମ ଗାଏବ ହେବା ମାମଲା ଚର୍ଚ୍ଚାର ବିଷୟ ପାଲଟିଛି। ପଞ୍ଚାୟତ ନିର୍ବାଚନର ପ୍ରକାଶିତ ଅନ୍ତିମ ତାଲିକାରେ ତାଙ୍କର ନାମ ନଥିବାରୁ ରାଜନୀତିକ ଓ ସାମାଜିକ ମହଲରେ ବିଭିନ୍ନ ପ୍ରକାରର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ହେଲେ ବିଧାନସଭା ନିର୍ବାଚନ ଅଞ୍ଚଳର ଭୋଟିଂ ତାଲିକାରେ ତାଙ୍କ ନାମ ଏବେ ବି ରହିଛି। ସୂଚନା ଅନୁସାରେ, ସ୍ମୃତି ଇରାନୀ ୨୦୨୧ ମସିହାରେ ଗୌରୀଗଞ୍ଜ ତହସିଲ ଅଞ୍ଚଳରେ ମଭଇ ଗାଁରେ ୧୧ ବିଶ୍ୱା ଏକରର ଜମି କିଣି ଥିଲେ। ୨୯ ଜୁଲାଇ ୨୦୨୧ରେ ତାଙ୍କର ପୁତ୍ର ଜୋହର ଇରାନୀ ଏଠାରେ ଭୂମି ପୂଜନ କରି ନିବାସ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନିବାସ ନିର୍ମାଣ ପୂରା ହେବା ପରେ ୨୨ ଫେବ୍ରୁଆରୀ ୨୦୨୪ରେ ସେ ଗୃହ ପ୍ରବେଶ କରିଥିଲେ। ଏହାପରେ ତାଙ୍କର ନାମ ଗାଁର ଲୀଳା ଟିକରା ବୁଥର ଭୋଟର ତାଲିକାରେ ରୁଜୁ ହୋଇଥିଲା ଏବଂ ସେ ୨୦୨୪ ମସିହାର ଲୋକସଭା ନିର୍ବାଚନରେ ଏହି ବୁଥରେ ଭୋଟ୍ ମଧ୍ୟ ଦେଇଥିଲେ।

# ବିଶ୍ୱରେ ପ୍ରଦର୍ଶିତ ହେବ ଭାରତର ଇନୋଭେସନ ଶକ୍ତି



ନୂଆଦିଲ୍ଲୀ, ୧ ୨।୬(ପିଆଇବି): ଭାରତରେ ବଢୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଆନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଭାରତ ଇନୋଭେଟ୍ସ' ର ରଣନୀତିକ ଦସ୍ତାବିଜ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆସନ୍ତା ଜୁନ୍ ୧୪ ତାରିଖରେ ଫ୍ରାନ୍ସର ନିସ୍ ସହରରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ଉପସ୍ଥିତିରେ 'ଭାରତ ଇନୋଭେଟ୍ସ' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହେବାକୁ ଯାଉଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟବସାୟିକ ପ୍ରସ୍ତାବ ଏବଂ ବିଶ୍ୱର ଆବଶ୍ୟକତାକୁ ପୂରଣ କଲାଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏହା ଭାରତର ଯୁବ ପିଢ଼ିର ପ୍ରତିଭା ପ୍ରତି ଏକ ବଡ଼ ଆନ୍ତର୍ଜାତୀୟ ସ୍ୱୀକୃତି । ଉଦ୍ଭାବନଗୁଡ଼ିକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବେ ।

# ପୁଣି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ଅଭିଜିତ ଦୀପକେ



ଲକ୍ଷ୍ନୌ, ୧ ୨।୬: ପରୀକ୍ଷାରେ ଅନିୟମିତତାକୁ ବିରୋଧ କରି ଆଜି ଲକ୍ଷ୍ନୌରେ ଛାତ୍ର ଏବଂ ସରକାରୀ ଚାକିରି ଆଶାୟୀମାନେ ସିଜେପି (କକ୍ରୋଚ ଜନତା ପାର୍ଟି) ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି। ସେମାନେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ବିଭିନ୍ନ ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀ ପ୍ରାର୍ଥୀମାନେ ଆଜି ସକାଳେ ଇକୋ ଗାର୍ଡେନ ନିକଟରେ ଏକଜୁଟ ହୋଇଥିଲେ। ସିଜେପିର ଦେଶବ୍ୟାପୀ ଆନ୍ଦୋଳନର ଏକ ଅଂଶ ଭାବେ ଆଜି ଲକ୍ଷ୍ନୌରେ ଆନ୍ଦୋଳନ ହୋଇଥିଲା। ଅଭିଜିତ ଦୀପକେ ଏହି ଆନ୍ଦୋଳନରେ ଆଜି ଯୋଗ ଦେଇଥିଲେ ଏବଂ ପାଖାପାଖି ୪୦ ମିନିଟ୍ ସେଠାରେ ରହି ଭାଷଣ ଦେଇଥିଲେ। ଜୁନ୍ ୨୦ ତାରିଖରେ ଦିଲ୍ଲୀରେ ସିଜେପି ଆନ୍ଦୋଳନରେ ସମସ୍ତେ ଯୋଗ ଦେବା ପାଇଁ ସେ ଅନୁରୋଧ କରିଥିଲେ। ଅଭିଜିତ ଦୀପକେ ତାଙ୍କ ଭାଷଣରେ ଆଜି କହିଥିଲେ ଯେ ଉଭୟ ସ୍ୱାଧୀନତା ଏବଂ ଗଣତନ୍ତ୍ର କ୍ଷେତ୍ରରେ ଆନ୍ଦୋଳନ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଆନ୍ଦୋଳନ ଦ୍ୱାରା ଦେଶ ଗଠନ ହୋଇଛି।

## ପୁଣି ଟ୍ରମ୍ପଙ୍କୁ ମିଛୁଆ କହିଲା: ଡିଲ୍ ଚୂଡ଼ାନ୍ତ ହୋଇ ନଥିବା ସ୍ପଷ୍ଟ କଲା ଇରାନ



ନୂଆଦିଲ୍ଲୀ, ୧ ୨।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଡିଲ୍ ବୟାନକୁ ମିଛ ବୋଲି ପୁଣି କହିଛି ଇରାନ। ଦିନକ ତଳେ ଇରାନକୁ ନାଲି ଆଖି ଦେଖାଇ ଗୁରୁବାର ରାତିରେ ସବୁଠାରୁ ବଡ଼ ଆକ୍ରମଣର ଧମକ ଦେଇଥିଲେ ଟ୍ରମ୍ପ। କିନ୍ତୁ ରାତି ସମୟରେ ସେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଥିଲେ ଓ ଇରାନ ସହ ଗୋଟିଏ 'ମହାନ ବୁଝାମଣା' ଚୂଡ଼ାନ୍ତ ହୋଇଥିବା କହିଥିଲେ। ତେବେ ଟ୍ରମ୍ପଙ୍କ ଏହି ଡିଲ୍ ବୟାନରେ ଆଦୌ ସତ୍ୟତା ନଥିବା କହିଛି ଇରାନ। ଏଯାଏ କୌଣସି ବୁଝାମଣା ଚୂଡ଼ାନ୍ତ ହୋଇ ନାହିଁ ବୋଲି ଇରାନ ସ୍ପଷ୍ଟ କରିବା ସହ ଆମେରିକାକୁ ଚେତାବନୀ ଦେଇଛି। ଇରାନ କହିଛି ଯେ ଏବେ ବି ଶାନ୍ତି ପ୍ରସ୍ତାବ ଦେଶର ନିଷ୍ପତ୍ତି ନେଉଥିବା ନେତୃବୃନ୍ଦଙ୍କ ସମୀକ୍ଷା ପାଇଁ ପଡ଼ି ରହିଛି। ଏଯାଏ କୌଣସି ନିଷ୍ପତ୍ତି ହୋଇ ନାହିଁ। ଇରାନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସ୍ମାଇଲ ବାଘାଇଙ୍କ କହିବା କଥା ଯେ ବୁଝାମଣା ଚୂଡ଼ାନ୍ତ ହୋଇଥିବା ବେଳେ ଏହା ଦସ୍ତଖତ ଅପେକ୍ଷାରେ ରହିଥିବା ରିପୋର୍ଟ କେବଳ ଗୋଟିଏ ଆକଳନ। କୌଣସି ଚୂଡ଼ାନ୍ତ ବୁଝାମଣା ହୋଇନାହିଁ।

## ମୀନାକ୍ଷୀ ନଟରାଜନଙ୍କୁ ସୁପ୍ରିମକୋର୍ଟରୁ ଝଟକା ନାମାଙ୍କନ ରଦ୍ଦ ମାମଲାରେ ଯାଚିକା ଖାରଜ



ନୂଆଦିଲ୍ଲୀ, ୧ ୨।୬ : କଂଗ୍ରେସ ନେତ୍ରୀ ମୀନାକ୍ଷୀ ନଟରାଜନଙ୍କୁ ସୁପ୍ରିମକୋର୍ଟରୁ ଝଟକା । ସୁପ୍ରିମ କୋର୍ଟ ମୀନାକ୍ଷୀ ନଟରାଜନଙ୍କ ଯାଚିକାକୁ ଖାରଜ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲାରେ ମୀନାକ୍ଷୀ ନଟରାଜନ ହାଇକୋର୍ଟ ଯାଇପାରିବେ । ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲା ଶୁଣାଣିର ଯୋଗ୍ୟ ନୁହେଁ । ଏହାପୂର୍ବରୁ ସୁପ୍ରିମକୋର୍ଟରେ ମୀନାକ୍ଷୀ ନଟରାଜନଙ୍କ ତରଫରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ପକ୍ଷର ରଖିଥିଲେ। ମଧ୍ୟ ପ୍ରଦେଶ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ନେତ୍ରୀ ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନକୁ ଖାରଜ କରାଯାଇଥିଲା। ପ୍ରାର୍ଥିପତ୍ର ନାକଚକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ ମୀନାକ୍ଷୀ। ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି, ସମ୍ବିଧାନର ଧାରା ୩୨୯ ଅନୁଯାୟୀ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରେ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ । ଯଦି ପ୍ରାର୍ଥିପତ୍ର ନାକଚ ହୁଏ, ତେବେ ନିର୍ବାଚନ ଶେଷ ହେବା ପରେ 'ଇଲେକ୍ସନ ପିଟିସନ' ଦାଖଲ କରିବା ହିଁ ଏକମାତ୍ର ଆଇନଗତ ରାସ୍ତା । ତେଲଙ୍ଗାନାରେ ତାଙ୍କ ବିରୋଧରେ ଥିବା ବିଚାରାଧୀନ ମାମଲା ବିଷୟରେ ସେ ନିଜ ଶପଥପାଠରେ ସମ୍ପୂର୍ଣ୍ଣ ତଥ୍ୟ ଦେଇନଥିବାରୁ ରିଟର୍ଣ୍ଣିଂ ଅଫିସର ତାଙ୍କ ପ୍ରାର୍ଥିପତ୍ର ନାକଚ କରିଥିଲେ।

## ବିଚ୍ ରାସ୍ତାରେ ବାପାଙ୍କୁ ଛୁରୀ ଭୁଷି ହତ୍ୟା କଲା ପୁଅ

ନୂଆଦିଲ୍ଲୀ, ୧ ୨।୬: ପୁଅକୁ ଛୋଟରୁ ବଡ଼ କଲେ। ତା'ର ସବୁ ଅଳିକୁ ପୂରଣ କଲେ। ଆଶା କରିଥିଲେ ବୁଢ଼ା ବୟସରେ ପୁଅ ତାଙ୍କୁ ସାହା ହେବ। ମୃତ୍ୟୁ ପରେ ଚାରି କାନ୍ଧ ଦେବ। ହେଲେ ସେହି ପୁଅ ଏବେ ଘଟାଇଛି ଜଘନ୍ୟକାଣ୍ଡ। ସମ୍ପତ୍ତି ପାଇଁ ବୁଢ଼ା ବାପାଙ୍କୁ ବିଚ ରାସ୍ତାରେ ଛୁରୀ ଭୁଷି ହତ୍ୟା କରିଛି ପୁଅ। ୮୧ ବର୍ଷୀୟ ବାପାଙ୍କ ସମ୍ପତ୍ତି ନେବାକୁ ପୁଅ କୋର୍ଟରେ କେସ୍ କରି ହାରିବା ପରେ ହତ୍ୟାକାଣ୍ଡ ଘଟାଇଛି। ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଏପରି ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ଜାଫର କମାରୁଦ୍ଦିନ ସୟିଦ ପଟେଲ। ସେ ଦୀର୍ଘ ଦୁଇ ବର୍ଷ ହେଲା ପୁଅ ଅବଦୁଲ ରେହମାନ ଅବଦୁଲ ଜାଫର ବିରୋଧରେ ଆଇନଗତ ମାମଲା ଲଢୁଥିଲେ। ପୁଅର ଖରାପ ବ୍ୟବହାର କରୁଥିବାରୁ ଜାଫର ପଟେଲ ତା'କୁ ନିଜ ଘରେ ରଖିବାକୁ ଚାହୁଁ ନଥିଲେ। କିନ୍ତୁ ବିଶୃଙ୍ଖଳିତ ପୁଅ ବାପାଙ୍କୁ ସହଯୋଗ କରିବା ବଦଳରେ ବଳପୂର୍ବକ ତାଙ୍କ ଘରକୁ ମାଡ଼ି ବସିଥିଲା। ପୁଅକୁ ଉଚିତ ଶିକ୍ଷା ଦେବାକୁ ଜାଫର ପଟେଲ ତା'କୁ ଘରୁ ବାହାର କରିବାକୁ ଚାହୁଁଥିଲେ। ଏଥିପାଇଁ ସେ କୋର୍ଟରେ କେସ କରିଥିଲେ। ଜାଫର ପଟେଲ ହେଉଛନ୍ତି ରାଜ୍ୟ ଜଳ ସମ୍ପଦ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ। ସେହିପରି ତାଙ୍କ ପୁଅ ଅବଦୁଲ ମେଡିକାଲ ପ୍ରତିନିଧି ଭାବେ କାମକରେ। ଅବଦୁଲ ନିୟମିତ ପରିବାର ଲୋକଙ୍କ ସହ ଝଗଡ଼ା କରେ ଓ ସେମାନଙ୍କୁ ମାଡ଼ ମାରେ। ଏଥିଯୋଗୁ ଜାଫର ପଟେଲ ପୁଣେରେ ରହୁଥିବା ଝିଅ ପାଖକୁ ଚାଲି ଯାଇଥିଲେ ଓ ନିଜ ଘରକୁ ଅକ୍ତିଆର କରିବା ପାଇଁ କୋର୍ଟରେ କେସ କରିଥିଲେ। କୋର୍ଟ ଦୀର୍ଘ ୨ ବର୍ଷର ଶୁଣାଣି ପରେ ଜାଫର ପଟେଲଙ୍କ ସପକ୍ଷରେ ରାୟ ଦେଇଥିଲେ। ଏଥିସହ ଅବଦୁଲକୁ ଘର ଛାଡ଼ିବାକୁ କହିଥିଲେ। କିନ୍ତୁ କୋର୍ଟଙ୍କ ରାୟ ପରେ ଜାଫର ପଟେଲ ଘରକୁ ଫେରୁଥିବା ବେଳେ ବିଚ ରାସ୍ତାରେ ଆକ୍ରମଣର ସାମ୍ନା କରିଥିଲେ।

## ବଢ଼ିଲା ମୁଦ୍ରାସ୍ଫୀତି ହାର ପୁଣି ମହଙ୍ଗା ହେବ ଖାଦ୍ୟପଦାର୍ଥ



ନୂଆଦିଲ୍ଲୀ, ୧ ୨।୬: ଦେଶରେ ଖାଦ୍ୟପଦାର୍ଥର ଦାମ ମେ ମାସରେ ବୃଦ୍ଧି ପାଇଛି। ଖୁଚୁରା ମୁଦ୍ରାସ୍ଫୀତି ହାର ମେ' ମାସରେ ବଢ଼ି ୩.୯୩ ପ୍ରତିଶତରେ ପହଞ୍ଚିଛି। ଏପ୍ରିଲ ମାସରେ ଏହି ହାର ୩.୪୮ ପ୍ରତିଶତ ଥିଲା। ତେବେ ମୁଦ୍ରାସ୍ଫୀତି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଧାରିତ ୪ ପ୍ରତିଶତ ଲକ୍ଷ୍ୟଠାରୁ ତଳେ ରହିଛି। ଲଗାତାର ୧୬ତମ ମାସ ପାଇଁ ମୁଦ୍ରାସ୍ଫୀତି ହାର ଆରବିଆଇର ଲକ୍ଷ୍ୟ ସୀମା ଭିତରେ ରହିଛି। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଇରାନ ସମ୍ବନ୍ଧୀୟ ଯୁଦ୍ଧ ପରିସ୍ଥିତି କାରଣରୁ ମୁଦ୍ରାସ୍ଫୀତି ବଢ଼ିଛି। ଜୁନ୍ ମାସର ମୋନିଟାରି ପଲିସି ବୈଠକରେ ଆରବିଆଇ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଆକଳନକୁ ସଂଶୋଧନ କରିଥିଲା। ପୂର୍ବରୁ ଏହା ୪.୬ ପ୍ରତିଶତ ଥିବାବେଳେ, ଏହାକୁ ବଢ଼ାଇ ୫.୧ ପ୍ରତିଶତ କରାଯାଇଛି।

## ଲକ୍ଷ୍ନୌ-ଦିଲ୍ଲୀ ଇଣ୍ଡିଗୋ ବିମାନକୁ ବୋମା ଧମକ

ଲକ୍ଷ୍ନୌ, ୧ ୨।୬: ପ୍ରାୟ ୧୮୦ ଜଣ ଯାତ୍ରୀଙ୍କୁ ନେଇ ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ ଥିବା ଇଣ୍ଡିଗୋ ବିମାନରେ ବୋମା ଥିବା ନେଇ ଶୁକ୍ରବାର ଏକ ସାଂଘାତିକ ଗୁଜବ ସାମ୍ନାକୁ ଆସିଛି। ବିମାନର ଶୌଚାଳୟ ଭିତରେ ଥିବା ଏକ ଟିସୁ ପେପରରେ "ବମ୍" ଲେଖାଯାଇଥିବା ଦେଖିବାକୁ ମିଳିଥିଲା, ଯାହା ପରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ହାଇ-ଆଲର୍ଟ କରାଯାଇଥିଲା। ସୁରକ୍ଷା ଏଜେନ୍ସିଗୁଡ଼ିକର କଡ଼ା ଯାଞ୍ଚ ପରେ ଏହି ଧମକ ସମ୍ପୂର୍ଣ୍ଣ ମିଥ୍ୟା ଓ ଏକ ଗୁଜବ ବୋଲି ପ୍ରମାଣିତ ହୋଇଛି। ସୂଚନା ଅନୁଯାୟୀ, ବିମାନଟି ସକାଳ ୧୦:୪୫ ମିନିଟରେ ଲକ୍ଷ୍ନୌରୁ ଉଡ଼ାଣ ଭରିବାର ଥିଲା, କିନ୍ତୁ ଯାତ୍ରା ଆରମ୍ଭ ହେବାର ଠିକ୍ ପୂର୍ବରୁ ବିମାନ କର୍ମଚାରୀଙ୍କୁ ଏହି ସୂଚନା ମିଳିଥିଲା। ବିମାନକୁ ରନୱେ ଆଡ଼କୁ ନିଆଯିବା ପରିବର୍ତ୍ତେ ତୁରନ୍ତ ଆପ୍ରନରେ ଅଟକାଇ ରଖାଯାଇଥିଲା। ସୁରକ୍ଷା କର୍ମୀ ଓ ବୋମା ଚିହ୍ନଟକାରୀ ଦଳ ବିମାନର ସମସ୍ତ ଅଂଶକୁ ସମ୍ପୂର୍ଣ୍ଣ ଭାବେ ସର୍ଚ୍ଚ କରିଥିଲେ ମଧ୍ୟ କୌଣସି ବିସ୍ଫୋରକ କିମ୍ବା ସନ୍ଦେହଜନକ ସାମଗ୍ରୀ ପାଇନଥିଲେ। ତେବେ ଏହି ବାଧ୍ୟତାମୂଳକ ସୁରକ୍ଷା ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା।

## ସରକାରୀ ବିଲଡିଂରେ ଲାଗିଲା ନିଆଁ ଧ୍ୱଂସ ହେଇଗଲା ୪ ହଜାର ଇଭିଏମ



ନୂଆଦିଲ୍ଲୀ, ୧ ୨।୬: ପଶ୍ଚିମବଙ୍ଗର କୋଲକାତାରେ ଥିବା ଗୋଟିଏ ସରକାରୀ ବିଲଡିଂରେ ଭୟଙ୍କର ଅଗ୍ନିକାଣ୍ଡ। ବିଲଡିଂର ୮ମ ଓ ୯ମ ମହଲା ଅଗ୍ନିକାଣ୍ଡରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଥିବା ପ୍ରାୟ ୪ ହଜାର ଇଭିଏମ ଅଗ୍ନିକାଣ୍ଡ ଯୋଗୁ ପୂରା ଧ୍ୱଂସ ହୋଇଯାଇଛି। ନିକଟରେ ପଶ୍ଚିମବଙ୍ଗ ବିଧାନସଭା ନର୍ବାଚନ ଶେଷ ହୋଇଥିଲା। ବେଙ୍ଗଲର ୧୦ଟି ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ଇଭିଏକୁ ଏହି ବିଲଡିଂରେ ରଖାଯାଇଥିଲା। ଅଗ୍ନିକାଣ୍ଡ ଯୋଗୁ ସେଗୁଡ଼ିକ ନଷ୍ଟ ହୋଇ ଯାଇଥିବା ଜଣାପଡ଼ିଛି। ବେଙ୍ଗଲର ଅଗ୍ନିଶମ ବିଭାଗ ମନ୍ତ୍ରୀ କୌଶିକ ଚୌଧୁରୀ କହିଛନ୍ତି ଯେ "ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଅଗ୍ନିକାଣ୍ଡ ବିଲଡିଂର ତୃତୀୟ କିମ୍ବା ୪ର୍ଥ ମହଲାରେ ଘଟିଥିଲା। କିନ୍ତୁ ହଠାତ୍ ଏହା ବିଲଡିଂର ୮ମ ଓ ୯ମ ମହଲାରେ ପହଞ୍ଚି ଯାଇଥିଲା। ୮ମ ଓ ୯ମ ମହଲା ପୂରା ନଷ୍ଟ ହୋଇଯାଇଛି।

## ଏୟାର ଇଣ୍ଡିଆ ଏଆଇ-୧୭୧ ବିମାନ ଦୁର୍ଘଟଣାକୁ ପୂରିଲା ବର୍ଷେ

ନୂଆଦିଲ୍ଲୀ, ୧ ୨।୬ : ଗତବର୍ଷ ଅହମଦାବାଦରେ ଘଟିଥିବା ଭୟାବହ ଏୟାର ଇଣ୍ଡିଆ ଏଆଇ-୧୭୧ ବିମାନ ଦୁର୍ଘଟଣାର ଆଜି ପ୍ରଥମ ବାର୍ଷିକୀ। ଏହି ଦୁଃଖଦାୟକ ଦିନରେ ପୀଡ଼ିତଙ୍କ ପରିବାର ନ୍ୟାୟ ଏବଂ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବାକୁ ଅପେକ୍ଷା କରିଥିବା ବେଳେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)ର ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଆସିବାରେ ଆଉ ଦୁଇ ମାସ ସମୟ ଲାଗିପାରେ ।

### ରୁଷିଆ-ୟୁକ୍ରେନ ଯୁଦ୍ଧ ୧,୫୬୯ ଦିନରେ

# ପ୍ରଥମ ବିଶ୍ୱଯୁଦ୍ଧକୁ ପଛରେ ପକାଇଲା



ୱାଶିଂଟନ, ୧ ୨ ।୬: ପ୍ରାୟ ୫୨ ମାସ ଧରି ଚାଲିଥିବା ୟୁକ୍ରେନରେ ଯୁଦ୍ଧ ବର୍ତ୍ତମାନ ଅବଧି ଦୃଷ୍ଟିରୁ ପ୍ରଥମ ବିଶ୍ୱଯୁଦ୍ଧକୁ ପଛରେ ପକାଇ ଦେଇଛି। ଫେବୃଆରୀ ୨୦୨୨ ଠାରୁ ୟୁକ୍ରେନ ଯୁଦ୍ଧ ୧,୫୬୯ ଦିନ ଧରି ଚାଲିଛି, ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଜୁଲାଇ ୧୯୧୪ ରୁ ନଭେମ୍ବର ୧୯୧୮ ମଧ୍ୟରେ ୧,୫୬୮ ଦିନ ଧରି ଚାଲିଥିଲା। ୧୯୧୪ ରେ ଆରମ୍ଭ ହୋଇଥିବା ସଂଘର୍ଷ ପ୍ରାରମ୍ଭରେ ଜର୍ମାନୀ ଏବଂ ଫ୍ରାନ୍ସକୁ ନେଇ ଧୀରେ ଧୀରେ ଅନେକ ମହାଦେଶକୁ ଗ୍ରାସ କରିଥିଲା ଏବଂ ପ୍ରଥମ ବିଶ୍ୱଯୁଦ୍ଧ ଭାବରେ ପରିଚିତ ହୋଇଥିଲା। ଚାରି ବର୍ଷ ମଧ୍ୟରେ, ସେହି ଯୁଦ୍ଧରେ ୨୦ ନିୟୁତରୁ ଅଧିକ ସୈନିକ ଏବଂ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ସେହି ସଂଘର୍ଷରେ ରାସାୟନିକ ଅସ୍ତ୍ର ମଧ୍ୟ ବହୁଳ ଭାବରେ ବ୍ୟବହୃତ ହୋଇଥିଲା। ବିପରୀତରେ, ଛଅ ବର୍ଷ (୧୯୩୯-୧୯୪୫) ଚାଲିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧ ୭୦ ନିୟୁତରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ମାନବ ଇତିହାସର ସବୁଠାରୁ ରକ୍ତାକ୍ତ ସଂଘର୍ଷ ଥିଲା। ୟୁକ୍ରେନ ଯୁଦ୍ଧରେ ଦୁଇଟି ବିଶ୍ୱଯୁଦ୍ଧ ତୁଳନାରେ ରକ୍ତପାତ କମ ଗୁରୁତର ହୋଇଥିଲେ ମଧ୍ୟ, ଏହାର ଅବଧି ବର୍ତ୍ତମାନ ପ୍ରଥମ ବିଶ୍ୱଯୁଦ୍ଧ ଅପେକ୍ଷା ଅଧିକ ହୋଇଯାଇଛି। ଯୁଦ୍ଧରତ ଉଭୟ ରାଷ୍ଟ୍ର, ରୁଷିଆ ଏବଂ ୟୁକ୍ରେନ, ସେମାନଙ୍କର ସାମରିକ ମୃତାହତ ସଂଖ୍ୟା ଲୁଚାଇବାର ଅଭିଯୋଗ ହୋଇଛି। ତଥାପି, ଏପର୍ଯ୍ୟନ୍ତ ଉଭୟ ପକ୍ଷର ମୋଟ ମୃତ୍ୟୁ ସଂଖ୍ୟା ଦଶ ଲକ୍ଷରୁ କମ ବୋଲି ଆକଳନ କରାଯାଇଛି। ରଏଟର୍ସ ଅନୁଯାୟୀ, ୟୁକ୍ରେନିୟ ଡ୍ରୋନ କମାଣ୍ଡରମାନେ ରୁଷିଆକୁ କ୍ରିମିଆ ସହିତ ସଂଯୋଗ କରୁଥିବା ଯୋଗାଣ ଲାଇନକୁ ବାଧା ଦେବା ପାଇଁ ଚେଷ୍ଟା କରୁଛନ୍ତି। ଏହା କ୍ରିମିଆରେ ମୁତୟନ ରୁଷୀୟ ସେନାକୁ ଅଲଗା କରିବ, ଯାହା ଦ୍ୱାରା ୟୁକ୍ରେନିୟ ସୈନ୍ୟମାନେ ସ୍ଥଳ ଆକ୍ରମଣ ଆରମ୍ଭ କରିପାରିବେ ଏବଂ ରୁଷୀୟ ନିୟନ୍ତ୍ରଣରୁ ଉପଦ୍ୱୀପକୁ ମୁକ୍ତ କରିପାରିବେ। ଫଳସ୍ୱରୂପ, ୟୁକ୍ରେନ ସାମ୍ପ୍ରତିକ ମାସଗୁଡ଼ିକରେ କ୍ରିମିଆରେ ରୁଷୀୟ ସମ୍ପତ୍ତି ଉପରେ ଆକ୍ରମଣକୁ କ୍ରମାଗତ ଭାବରେ ତୀବ୍ର କରିଛି। ଉଲ୍ଲେଖନୀୟ, ଚାଲିଥିବା ସଂଘର୍ଷ ସମୟରେ ରୁଷିଆର ମୋଟ କ୍ଷତିର ଏକ ତୃତୀୟାଂଶ ଗତ ୧୨ ମାସ ମଧ୍ୟରେ ୟୁକ୍ରେନିୟ ଡ୍ରୋନ ଆକ୍ରମଣ ଯୋଗୁ ଘଟିଛି।

### ପତ୍ନୀ ଓ ଶାଳକ ପେଟ୍ରୋଲ ଢାଳି ନିଆଁ ଲଗାଇବା ଅଭିଯୋଗ

# ଚିକିତ୍ସାଧୀନ ଅବସ୍ଥାରେ କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କ ମୃତ୍ୟୁ

ଭୁବନେଶ୍ୱର(ନିପ୍ର): ପୋଡି ହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କର ଆଜି ସକାଳେ ମୃତ୍ୟୁ ଘଟିଛି। ତାଙ୍କ ଭଉଣୀ ଏହି ସୂଚନା ଦେଇଛନ୍ତି। ଆଶୁତୋଷଙ୍କୁ ତାଙ୍କ ପତ୍ନୀ ଓ ଶାଳକ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଆଶୁତୋଷଙ୍କ ଶରୀରର ୮୦% ପୋଡି ଯାଇଥିଲା। ତାଙ୍କୁ ଭୁବନେଶ୍ୱର ଏମ୍‌ସର ବର୍ଣ୍ଣ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ୨ ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡି ଯିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ହେଲେ ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଆଶୁତୋଷ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ ଓ ଶାଳକଙ୍କ ବିରୋଧରେ ଦୁଇ ଥର ବୟାନ ଦେଇଥିଲେ। ପତ୍ନୀ ଓ ଶାଳକ ମିଶି ତାଙ୍କ ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିବା ସେ କହିଥିଲେ। ହେଲେ ଏଯାଏ ସେମାନଙ୍କ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହିଁ ପୁଲିସ। ଆଶୁତୋଷଙ୍କ ପତ୍ନୀ ବ୍ରହ୍ମପୁର ପୁଲିସରେ କନଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। ବ୍ରହ୍ମପୁର ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏହି ତଦନ୍ତ ଉପରେ ପ୍ରଶ୍ନ ଉଠାଇ ଆସୁଛନ୍ତି ଆଶୁତୋଷଙ୍କ ପରିବାର ଲୋକେ। ଆଜି ଆଶୁତୋଷଙ୍କ ମୃତ୍ୟୁ ପରେ ସେମାନେ ପୁଣି ବ୍ରହ୍ମପୁର ପୁଲିସ ଉପରେ ବର୍ଷିଛନ୍ତି। ସନ୍ଧ୍ୟା ନାୟକ ଓ ତାଙ୍କ ଭାଇଙ୍କ ବିରୋଧରେ ବ୍ରହ୍ମପୁର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ସେମାନେ ଘଟଣାର ସିବିଆଇ ତଦନ୍ତ କରାଇବାକୁ ପୁଣି ଦାବି କରିଛନ୍ତି। ଆଶୁତୋଷଙ୍କ ମା' କହିଛନ୍ତି, ଆଶୁତୋଷ ପୋଡି ହେବା ପରେ ତାଙ୍କ ଡାକ୍ତରଖାନା ନେଇ ନଥିଲେ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ। ଏପରିକି ସେ ଏମ୍‌ସରେ ଚିକିତ୍ସାଧୀନ ଥିବା ସମୟରେ ଥରୁଟିଏ ବି ସନ୍ଧ୍ୟା ତାଙ୍କୁ ଦେଖିବାକୁ ଆସିନଥିଲେ ବୋଲି ଅଭିଯୋଗ କରିଛନ୍ତି। କନଷ୍ଟେବଲ ଆଶୁତୋଷ ମୃଦାଙ୍ଗିଆ ବାଇକ୍‌ରେ ତାଙ୍କ ପତ୍ନୀଙ୍କ କ୍ୱାର୍ଟର୍ସକୁ ଆସିବା ଓ ଘଟଣା ଘଟିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଜୁନ୍ ୫ ତାରିଖ ରାତି ୯ଟା ୨୩ ମିନିଟରେ ବାଇକ୍ ଧରି ପୁଲିସ କଲୋନୀକୁ ଆସିଥିଲେ ଆଶୁତୋଷ। ପରେ ଜଳୁଥିବା ଅବସ୍ଥାରେ ୯ଟା ୨୯ ମିନିଟ୍‌ରେ ତଳକୁ ଦୌଡ଼ି ଆସିଥିବା ପୁଲିସ ପାଇଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ପୁଲିସ୍ କଲୋନୀର ଉକ୍ତ ଅପାର୍ଟମେଣ୍ଟର ସେହି ଫ୍ଲୋରରେ ରହୁଥିବା ଆଉ ୩ଜଣ କନଷ୍ଟେବଲଙ୍କ ପରିବାର ଲୋକଙ୍କୁ ପଚରାଉଚରା କରାଯାଇଛି। ସାଇଣ୍ଟିଫିକ ପ୍ରମାଣ ଓ ତଥ୍ୟକୁ ଭିତ୍ତି କରି ଅଧିକ ତଦନ୍ତ ଜାରି ରଖିଛି ପୁଲିସ। ଆଶୁତୋଷ ସେଦିନ ନିଜେ ସେଠାକୁ ଯାଇଥିଲେ ନା ତାଙ୍କୁ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ ବା ତାଙ୍କ ଶାଳକ ଡାକିଥିଲେ, ତାହା ଜାଣିବା ପାଇଁ ପୁଲିସ ପ୍ରୟାସ କରୁଛି। ପୁଲିସ ଆଶୁତୋଷ ଓ ଅଭିଯୁକ୍ତମାନଙ୍କ କଲ୍ ରେକର୍ଡ ଯାଞ୍ଚ କରୁଛି। ଆଶୁତୋଷଙ୍କ ପତ୍ନୀ ସନ୍ଧ୍ୟା ନାୟକଙ୍କ ବିରୋଧରେ ପରକୀୟା ପ୍ରୀତି ଅଭିଯୋଗ ଆଣିଛନ୍ତି ତାଙ୍କ ପରିବାର ଲୋକେ। ତାଙ୍କ ପଛରେ କୌଣସି ବଡ ଅଧିକାରୀଙ୍କ ହାତ ଥିବା ସେମାନେ ସନ୍ଦେହ କରୁଛନ୍ତି। ତାଙ୍କ ଏକାଉଣ୍ଟକୁ ୫୦ ହଜାର ଟଙ୍କା ଆସିବା ପରେ ଆଶୁତୋଷ ତାଙ୍କ ଉପରେ ସନ୍ଦେହ କରିଥିଲେ। ତା' ପରଠାରୁ ସେମାନଙ୍କ ମଧ୍ୟରେ ଝଗଡା ବଢିଥିଲା ବୋଲି କୁହାଯାଉଛି। ଆଶୁତୋଷ ଓ ସନ୍ଧ୍ୟା ୨୦୨୫ ଫେବ୍ରୁଆରୀ ମାସରେ ବିବାହ କରିଥିଲେ। ସେମାନେ ପ୍ରେମ ବିବାହ କରିଥିଲେ। ବାହାଘର ପରେ ସନ୍ଧ୍ୟା ଶାଶୁ ଘରେ ରହୁଥିଲେ। କିନ୍ତୁ ମନୋମାଳିନ୍ୟ ପରଠାରୁ ସେ ବିଜିପୁର ପୁଲିସ୍ କଲୋନୀ କ୍ୱାର୍ଟର୍ସରେ ରହୁଥିଲେ। ସନ୍ଧ୍ୟାଙ୍କୁ ଯୌତୁକ ନିର୍ଯାତନା ଦେବା ତଥା ହତ୍ୟା ଉଦ୍ୟମ ଅଭିଯୋଗରେ ପୂର୍ବରୁ ଆଶୁତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଜାମିନରୁ ବାହାରିବା ପରେ ସେ ଜୁନ୍ ୫ ତାରିଖ ସନ୍ଧ୍ୟାରେ ବିଜିପୁରସ୍ଥିତ ତାଙ୍କ ପତ୍ନୀଙ୍କ କ୍ୱାର୍ଟର୍ସକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିଲା।

### ମୌସୁମୀ ବର୍ଷା ପୂର୍ବରୁ ସଜାଗ ହେଲା ବିଏମ୍‌ସି

# ଫୋକସରେ ଜଳବନ୍ଦୀ ସମସ୍ୟା, ଆକ୍ଟିଭ ରହିବ ରାପିଡ୍ ଆକ୍ସନ ଟିମ୍

ଭୁବନେଶ୍ୱର(ନିପ୍ର): ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଲା। କେରଳମ୍ ଛୁଇଁବାର ୮ ଦିନ ପରେ ଓଡିଶାରେ ପହଞ୍ଚିଛି ମୌସୁମୀ। ଆଉ ମୌସୁମୀକୁ ଦେଖି ଆକ୍ସନ ମୋଡରେ ଭୁବନେଶ୍ୱର ମହାନଗର ନିଗମ। ସହରୀ ବନ୍ୟାକୁ ରୋକିବା ପାଇଁ ଜିଆଇଏସ ମ୍ୟାପିଂ କରିବ ଈଗଉ। ଯାହା ଦ୍ୱାରା ସହରୀ ବନ୍ୟା ପୂର୍ବରୁ ଆସିବ ସୂଚନା। ତେବେ ଖୁବଶୀଘ୍ର ବମିଖାଲ, ବଡ଼ଗଡ଼ର ସାଇଫନ ସହ ଇସ୍କନ କାମ ସାରିବାକୁ ଲକ୍ଷ୍ୟ ରଖିଛି ବିଏମ୍‌ସି। ରାଜଧାନୀରେ ୧୩୦୦ କିଲୋମିଟର ସେକେଣ୍ଡାରୀ ଡ୍ରେନ ବିଏମ୍‌ସି ଅଧୀନରେ ଥିବା ବେଳେ ଆର.ଆଣ୍ଡ.ବି ଅଧୀନରେ ଥିବା ୩୬୦ କିଲୋମିଟର ପ୍ରାଇମେରୀ ଡ୍ରେନକୁ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ଚଳିତ ମୌସୁମୀ ବର୍ଷାର ମୁକାବିଲା କରିବା ପାଇଁ ୨ ମାସ ଧରି ଡ୍ରେନ୍ ସଫା କରୁଛି ବିଏମ୍‌ସି। ବିଗତ ବର୍ଷଗୁଡିକରେ ଅସରାଏ ବର୍ଷାରେ ରାଜଧାନୀରେ ସହରୀ ବନ୍ୟା ସହ ଡ୍ରେନେଜ ସମସ୍ୟା ଦେଖାଯାଏ। ଚଳିତ ବର୍ଷ ମୌସୁମୀକୁ ନଜରରେ ରଖି ବିଏମ୍‌ସି ପକ୍ଷରୁ ୮ଟି ରାପିଡ୍ ଆକ୍ସନ ଟିମ୍ ଗଠନ ହୋଇଛି। ପ୍ରତି ଟିମରେ ୪ ଜଣ ଲେଖାଏଁ ରହିଛନ୍ତି, ସେମାନଙ୍କୁ ଦିଆଯାଇଛି ସ୍ୱତନ୍ତ୍ର ଟ୍ରେନିଂ। ୨୪ ଘଣ୍ଟିଆ ଏହି ଟିମ୍ ଆକ୍ଟିଭ ରହିବେ। ସେମାନଙ୍କୁ ବିଭିନ୍ନ ଯନ୍ତ୍ରପାତି ସହ ସ୍ଲାବ୍ ଉଠାଇବା ମେସିନ୍ ଏବଂ ଜେନେଟର ଦିଆଯାଇଛି। ରାଜଧାନୀରେ ଯେଉଁଠି ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଲେ ୧୯୨୯ରେ ଯୋଗାଯୋଗ କଲେ, ଏହି ଟିମ୍ ପହଞ୍ଚି ସମସ୍ୟାର ସମାଧାନ କରିବେ। ପ୍ରତିବର୍ଷ ଲଗାଣ ବର୍ଷାରେ ଉବୁଟୁବୁ ହେଉଛି ରାଜଧାନୀ। ଭୁବନେଶ୍ୱର ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ପ୍ରତି ଥର ମୁକାବିଲା ପାଇଁ ମାଷ୍ଟରପ୍ଲାନ ତିଆରି କରୁଛି ବିଏମ୍‌ସି। ହେଲେ ଗ୍ରାଉଣ୍ଡରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ତେବେ ଚଳିତଥର ବିଏମ୍‌ସି କିପରି ଜଳବନ୍ଦୀ ସମସ୍ୟାର ମୁକାବିଲା କରୁଛି ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ଟିୟୁସନ ଯାଇ ଛାତ୍ର ନିଖୋଜ: ସିସିଟିଭିରୁ ଜଣାପଡ଼ିଲା ଛାତ୍ର ଅପହରଣ

ଭାପୁର(ନିପ୍ର): ଫତେଗଡ଼ ଥାନା ଅଞ୍ଚଳରୁ ଜଣେ ଛାତ୍ର ଟିୟୁସନକୁ ଯାଇ ଆଉ ଘରକୁ ଫେରି ନଥିବାରୁ ଥାନାରେ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ପଦ୍ମାବତୀ ପଂଚାୟତ ଝଗଡ଼ପଡା ଗ୍ରାମର ସୁଶାନ୍ତ ନାୟକଙ୍କ ପୁଅ ଆଦିତ୍ୟ ନାୟକ (୧୧) ଭାପୁର ପୂର୍ଣ୍ଣାଙ୍ଗ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରେ। ବର୍ତ୍ତମାନ ବିଦ୍ୟାଳୟ ଛୁଟି ହୋଇଥିବାବେଳେ ସେ ସବୁଦିନ ପରି ଶୁକ୍ରବାର ସକାଳ ସମୟରେ ପଦ୍ମାବତୀ ଗ୍ରାମକୁ ଟିୟୁସନ ପାଇଁ ଆସିଥିଲେ। ଟିୟୁସନ ସାରି ଘରକୁ ଫେରିବା ବିଳମ୍ବ ଦେଖି ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିବାପରେ ନ ମିଳିବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫତେଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସି କ୍ୟାମେରା ସହିତ ସମସ୍ତ ଦିଗକୁ ନେଇ ତଦନ୍ତ କରିବା ପରେ ଜଣାପଡିଲା ଯେ, ବାଇକରେ ଦୁଇ ଯୁବକ ମୁହଁରେ ଗାମୁଛା ଭିଡି ଆସି ଛାତ୍ରକୁ ଅପହରଣ କରିନେଇଛନ୍ତି। ଯାହା ଉଦ୍ଧାର ପାଇଁ ପୋଲିସକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୁଅର ଅପହରଣକୁ ନେଇ ପରିବାର ଚିନ୍ତାରେ ରହିଥିବାବେଳେ ସନ୍ଧ୍ୟା ସୁଦ୍ଧା ପୋଲିସ ଗ୍ରାମରେ ରହି ଛାନଭିନ କରୁଥିବା ଜଣାପଡିଛି।

### ଏସଟିଏଫର ସଫଳତା

## ୧୦୧ କେଜି ଗଞ୍ଜେଇ ଜବତ, ଦୁଇ ନିଶା ମାଫିଆ ଗିରଫ

ଭୁବନେଶ୍ୱର(ନିପ୍ର): ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ମାଦକ ଦ୍ରବ୍ୟ ଚୋରାଚାଲାଣ ବିରୋଧରେ ଚାଲିଥିବା କଡ଼ା ଅଭିଯାନରେ ଓଡ଼ିଶା ଏସଟିଏଫ୍ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଏସଟିଏଫ୍ ଟିମ୍ ୧୦୧.୫୪୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇଜଣ ନିଶା ମାଫିଆଙ୍କୁ ଗିରଫ କରିଛି। ବୌଦ୍ଧ ଜିଲ୍ଲାରୁ ଭୁବନେଶ୍ୱରକୁ ବ୍ୟବସାୟିକ ପରିମାଣର ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏସଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ ୧୧ ତାରିଖ ଦିନ ପ୍ରାୟ ଦିନ ୧.୩୦ ସମୟରେ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଅଞ୍ଚଳରେ ଚଢ଼ାଉ କରିଥିଲା। ଅଭିଯାନ ସମୟରେ ଓଡି-୧୫-ଜି-୯୫୧୦ ନମ୍ବର ବିଶିଷ୍ଟ ଏକ ପିଆଜିଓ ଅଟୋରିକ୍ସାକୁ ଅଟକାଯାଇଥିଲା। ପୋଲିସକୁ ଦେଖି ଗାଡ଼ିରେ ଥିବା ଦୁଇ ଜଣ ବ୍ୟକ୍ତି ନିକଟସ୍ଥ ଜଙ୍ଗଲ ଅଞ୍ଚଳକୁ ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ଏସଟିଏଫ୍ ଟିମ୍ ତୁରନ୍ତ ପିଛା କରି ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅନ୍ତର୍ଗତ ତେନ୍ତୁଳିପାଲି ଗ୍ରାମର ଜଗଦୀଶ ବେହେରା (୪୫) ଏବଂ ମନମୁଣ୍ଡା ଥାନା ଅନ୍ତର୍ଗତ କୁମାରକାନି ଗ୍ରାମର ସଞ୍ଜିତ ଠାଟି (୨୯)। ତଲାସି ବେଳେ ପାଞ୍ଚଟି ବସ୍ତାରେ ପ୍ୟାକ୍ ହୋଇଥିବା ୧୦୧.୫୪୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହାସହ ଗଞ୍ଜେଇ ପରିବହନରେ ବ୍ୟବହୃତ ଅଟୋରିକ୍ସା ଓ ଅଭିଯୁକ୍ତଙ୍କ ନିକଟରୁ ମିଳିଥିବା ଦୁଇଟି ମୋବାଇଲ ଫୋନ୍‌କୁ ମଧ୍ୟ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଗଞ୍ଜେଇ ବୌଦ୍ଧ ଜିଲ୍ଲାରୁ ଭୁବନେଶ୍ୱରକୁ ବେଆଇନ ଚାଲାଣ ପାଇଁ ଆଣାଯାଉଥିଲା। ଏହି ଚୋରାଚାଲାଣ ରାକେଟ୍ ସହ ଜଡିତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଏସଟିଏଫ୍ ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଏକ ସପ୍ତାହ ମଧ୍ୟରେ ଏସଟିଏଫ୍ ଓଡ଼ିଶା ପ୍ରାୟ ୨୩୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ମୋଟ ୫ ଜଣ ମାଫିଆଙ୍କୁ ଗିରଫ କରିଛି। ରାଜ୍ୟରେ ସଂଗଠିତ ମାଦକ ଚୋରାଚାଲାଣ ଚକ୍ରକୁ ଧ୍ୱଂସ କରିବା ଏବଂ ଯୁବପିଢ଼ିଙ୍କୁ ନିଶା ମୁକ୍ତ ସମାଜ ଗଠନ ଦିଗରେ ଏସଟିଏଫ୍‌ର ଏହି ଅଭିଯାନ ଜାରି ରହିଛି।

## ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା: ୭ଦିନ ପରେ ଆଖି ବୁଜିଲେ ପୀଡିତା

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଯୁବତୀଙ୍କ ସହିତ ୨ଜଣ ଯୁବକ ଶାରିରୀକ ସମ୍ପର୍କ ରଖିବା ଓ ସେମାନଙ୍କ କଥାରେ ରାଜି ନ ହେବାରୁ ତାଙ୍କ ଭାଇଙ୍କ ପାଖକୁ ଅଶ୍ଳୀଳ ବାର୍ତ୍ତାଳାପ ଅଡିଓ ପଠାଇବା ଯୋଗୁଁ ଯୁବତୀ ଜଣଙ୍କ ଲୋକଲଜ୍ୟା ସହିନପାରି ଘରେ ରସି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ମାମଲାରେ ମେଡ଼ିକାଲରେ ୭ଦିନ କାଳ ଜୀବନ ମରଣ ସହ ସଂଘର୍ଷ କରିବା ପରେ ଶୁକ୍ରବାର ଯୁବତୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ବଳଙ୍ଗା ପୋଲିସ ମଙ୍ଗେଶ୍ୱର ଥାନା ପୋଲିସ ସହାୟତାରେ ମେଡିକାଲରେ ଶବକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ମାମଲାରେ ବଳଙ୍ଗା ପୋଲିସ ଏହି ଥାନା ଅନ୍ତର୍ଗତ ହରିପୁର ଗ୍ରାମର ମୁନା ବେହେରା ଓ ସମରୋଇ ଶାସନ ଗ୍ରାମର ଚନ୍ଦନ ବେହେରା ନାମକ ୨ଅଭିଯୁକ୍ତଙ୍କ ନାମରେ ବଳଙ୍ଗା ଥାନା କେସ ନଂ ୧୭୭/୨୬ ଆଇଟି ଆକ୍ଟରେ ମାମଲା କରି ଉଭୟଙ୍କୁ ଗିରଫ କରି ତା- ୬.୬.୨୦୨୬ ଦିନ କୋର୍ଟ ଚାଲାଣ କରିଛି। ଯାହାକି ଅଭିଯୁକ୍ତ ଦ୍ୱୟ ବିଚାର ବିଭାଗୀୟ ହାଜତରେ ଥିବା ସୂଚନା ମିଳିଛି। ଏଭଳି ଘଟଣା ଅଞ୍ଚଳରେ କେବେ ଘଟିନଥିଲା ବେଳେ ସାଧାରଣରେ ଏହାକୁ ନିନ୍ଦା କରାଯିବା ସହ ଅଭିଯୁକ୍ତ ମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି ହେଉଛି।

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ହାଇୱା ଧକ୍କାରେ ଜଣେ ସ୍ଥାନୀୟ ଯୁବକଙ୍କର ଆକସ୍ମିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଉଛନ୍ତି ଜଙ୍କିଆ ଗ୍ରାମର ସଞ୍ଜୟ କୁମାର ଉଦୟସିଂହଙ୍କ ପୁତ୍ର ସୁଜିତ୍ ଉଦୟସିଂହ (ସୋନୁ)। ସୋନୁଙ୍କର ଏଭଳି ଅକାଳ ବିୟୋଗରେ ସମଗ୍ର ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସୁଜିତ୍ (ସୋନୁ) ନିଜ ବାଇକ୍ ଯୋଗେ ଗୋଳବାଇ ଛକ ଓଭରବ୍ରିଜ୍ ଅଣ୍ଡରପାସ୍ ଦେଇ ନିଜର କ୍ରସର୍ ୟୁନିଟ୍ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଗାଡ଼ି ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଧକ୍କାଟି ଏତେ ଜୋରଦାର ଥିଲା ଯେ ସୁଜିତ୍ ଗୁରୁତର ଭାବେ ଆହତ ହୋଇ ରାସ୍ତା ଉପରେ ପଡ଼ି ରହିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜଙ୍କିଆ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳ ଓ ହସ୍ପିଟାଲରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

## ଚୋରା ମଦ ଜବତ: ୭ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଓ ନିକିରେଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯାଇଛି। ଧୂମତ ଗ୍ରାମର ପ୍ରଫୁଲ୍ଲ ବେହେରା (୫୧)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ଦହିମାଛ ଗ୍ରାମର ଜିତେନ୍ଦ୍ର ରାଉତ (୩୧)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ବେଣୁପାଳ ଗ୍ରାମର ରଞ୍ଜିତ ଦାସ (୩୫)ଙ୍କ ଠାରୁ ୨୬ ଲିଟର ବିଦେଶୀ ମଦ, ଗର୍ଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି (୩୮)ଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ ଏବଂ ପ୍ରତାପ ଚନ୍ଦ୍ର ପରିଡା (୫୯)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ ଓ ଏଣ୍ଡର ଗ୍ରାମର ଅକ୍ଷୟ କୁମାର ସାହୁ (୬୬)ଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ ଓ କୋର ଗ୍ରାମର ଧନେଶ୍ୱର ବେହେରା (୩୬)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏମାନଙ୍କ ପକ୍ଷରୁ ସମୁଦାୟ ୨୦୯ ଲିଟର ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ରତ୍ନପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## କେନାଲରେ ପଶିଗଲା ହାଇୱା, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

କଟକ(ନିପ୍ର): ବାରଙ୍ଗ ଷଣ୍ଢପୁର ନିକଟରେ କେନାଲରେ ପଶିଗଲା ହାଇୱା। ରାସ୍ତା କଡ଼ରେ ଏକ ଗଛକୁ ଧକ୍କା ଦେଇ ପୁରୀ ମୁଖ୍ୟ କେନାଲରେ ପଶିଯାଇଥିଲା। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲେ ଡ୍ରାଇଭର। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ ଦ୍ରୁତଗାମୀ ହାଇୱା ଷଣ୍ଢପୁର ନିକଟରେ ପୁରୀ ମୁଖ୍ୟ କେନାଲ ଭିତରକୁ ପଶି ଯାଇଥିଲା। ଗାଡ଼ିଟି ବାରଙ୍ଗ ପଟୁ ଗୋଡିସାହି ଅଭିମୁଖେ ଆସିବା ବେଳେ ଏହି ଦୁର୍ଘଟଣା ଘଟିଛି। ଚାଳକର ଆଖି ଲାଗିଯିବାରୁ ଗାଡ଼ିଟି ରାସ୍ତା କଡ଼ରେ ଥିବା ଏକ ଗଛରେ ଧକ୍କା ହୋଇ କେନାଲ ମଧ୍ୟକୁ ଖସି ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଖବର ପାଇ ଗୋଡିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ପାଣିରୁ ଉଠାଇ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ମାଆ ସହିତ ବନ୍ଧୁତା ରଖି ଝିଅକୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

ପିପିଲି(ନିପ୍ର): ପିପିଲି ଥାନା ଅଧିନ କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳରେ ଜଣେ ଯୁବତୀକୁ ବଳାତ୍କାର କରାଯାଇ ଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ପିପିଲି ପୋଲିସ ଅଭିଯୋଗ ପାଇ ପିପିଲି ଥାନା କେସ ନଂ ୩୭୬/୨୬ ମାମଲା ଆଗତ କରି ବଳାତ୍କାରୀ ଅଭିଯୁକ୍ତକୁ ଗିରଫ କରି ପିପିଲି ଜୁଡ଼ିସିଆଲ କୋର୍ଟରେ ହାଜର କରାଇଛି। ଅଭିଯୁକ୍ତ ଜଣକ ହେଉଛି ଏରସମା ଥାନା ଅଞ୍ଚଳର ବୋଲି ଜଣାଯାଇଛି। ଅଭିଯୁକ୍ତର ଜାମିନ ନାମଂଜୁର ହେବାରୁ ନିମାପଡା ସୁଦ୍ଧାର ଗୃହକୁ ୧୪ ଦିନ ପାଇଁ ପଠାଯାଇଛି। ଉକ୍ତ ଫାଣ୍ଡି ଅଞ୍ଚଳର ଯୁବତୀଙ୍କ ମାଆଙ୍କ ସହିତ ଅଭିଯୁକ୍ତ ବନ୍ଧୁତା ସମ୍ପର୍କ ରଖି ତାଙ୍କ ଘରକୁ ଆସି ଯୁବତୀକୁ ବଳାତ୍କାର କରିଥିବା ନେଇ ଯୁବତୀ ଜଣକ ମାଆକୁ କହିବାରେ ଏନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ପୀଡିତ ଯୁବତୀଙ୍କ ମାଜିଷ୍ଟ୍ରେଟ ବୟାନ ରେକର୍ଡ ପାଇଁ ପଠାଇ ଥିବା ସୂଚନା ମିଳିଛି।

## ଚୋରି ୧୮ ସୁନା ମୁଦି ଜବତ : ଜଣେ ଗିରଫ




କଟକ(ନିପ୍ର): ଲାଲବାଗ ପୋଲିସ ଅଳଙ୍କାର ଦୋକାନରୁ ଲୁଟ ହୋଇଥିବା ୧୮ଟି ସୁନା ମୁଦି ଜବତ କରିବା ସହ ଲୁଟିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ରାଇସିମିଳର ରାଜେଶ ରାଉତ ଓରଫ ରାଜୁ (୩୨)। ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ଗୁରୁବାର ରାତି ପ୍ରାୟ ୮ଟା ବେଳେ ରାଜୁ ସିଡିଏ ସେକ୍ଟର ୬ର ବିଶ୍ୱନାଥ କର୍ମକାରଙ୍କ ଅଳଙ୍କାର ଦୋକାନକୁ ସୁନା ମୁଦି କିଣିବାକୁ ଆସିଥିଲେ। ବିଶ୍ୱନାଥ ଓ ତାଙ୍କ ପୁତୁରା ରାଜୁକୁ ଦେଖାଇବା ପାଇଁ ଏକ ମୁଦି ବାକ୍ସ ଆଣିଥିଲେ। ସେଥିରେ ୧୮ ଟି ମୁଦି ଥିଲା। ଏହି ସମୟରେ ରାଜୁ ହଠାତ ଉଭୟଙ୍କୁ ଧକ୍କା ଦେଇ ମୁଦି ବାକ୍ସ ନେଇ ଫେରାର ହୋଇଯାଥିଲା। ବିଶ୍ୱନାଥ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତତ୍ପରତା ପ୍ରକାଶ କରି ସିସିଟିଭି ଫୁଟେଜ ଓ ଗୁଇନ୍ଦା ବ୍ୟବହାର କରି ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ୧୮ଟି ମୁଦି ଜବତ କରିଥିଲା। ଜବତ ମୁଦିର ଓଜନ ୫୯.୪୫ ଗ୍ରାମ। ଏହାପରେ ଜବତ ମୁଦିକୁ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ବେଆଇନ ନିର୍ମାଣାଧୀନ ଦୋକାନ ଗୃହରେ ବୁଲିଲା ବୁଲ୍‌ଡୋଜର



ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳିକାଟୁ ତହସିଲ ଅଧିନରେ ଥିବା ବହୁ ମୂଲ୍ୟବାନ ସରକାରୀ ଜାଗାକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ବିନାନୁମତିରେ ଅନଧିକାର ଭାବେ ଦଖଲ କରିଥିବା ନଜିର ରହିଛି। କିଛି ପ୍ରତିଷ୍ଠିତ ଜମି ବ୍ୟବସାୟୀ ବିସ୍ତାରନୀତି ଅବଲମ୍ବନ କରି ସରକାରୀ ଜାଗା ଅକ୍ତିଆର କରିବା ସହ କୋଟି କୋଟି ଟଙ୍କାରେ ବିକ୍ରି କରି ସଫଳ ହେଉଥିବା ଦେଖାଯାଇଛି। ହିଞ୍ଜିଳିକାଟୁ ପୌର ପରିଷଦ ଅଞ୍ଚଳରେ ଏବେ ବି କିଛି ସରକାରୀ ଜାଗା କିଛି ପ୍ରଭାବଶାଳୀ ଓ ପ୍ରତିଷ୍ଠିତ ବ୍ୟବସାୟୀ ମାଟି, ମୋରମ ସମତୁଲ କରି ନିଜ ଅକ୍ତିଆରରେ ରଖିଥିବା ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ହୋଇଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ବେଆଇନ ଭାବେ ଜବରଦଖଲ କରିଥିବା ସରକାରୀ ଜାଗାକୁ ଉଚ୍ଛେଦ କରିବା ପାଇଁ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ତହସିଲ ପ୍ରଶାସନ ଓ ପୁଲିସ ଉପସ୍ଥିତିରେ ଶୁକ୍ରବାର ପୌରପରିଷଦ ମୋହନ ମାର୍ଗ-୫ ଲାଇନରେ ନିର୍ମାଣାଧୀନ ଥିବା ଏକ ଦୋକାନ ଗୃହକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଛି। ତହସିଲ ପ୍ରଶାସନ ସୂଚନା ଅନୁସାରେ ହିଞ୍ଜିଳି ମୌଜାର ଖାତା ନଂ ୧୫୫୧ ଓ ପ୍ଲଟ ନଂ ୩୩୩୩ ଅନାବାଦୀ କିସମ ଜମିରେ ମହେଶ୍ୱର ପାଣିଗ୍ରାହୀ ତିନିଟି ଦୋକାନ ଗୃହ ନିର୍ମାଣ କରୁଥିଲେ। ଏହା ସରକାରୀ ଜାଗା ହୋଇଥିଲା ବେଳେ ମହେଶ୍ୱର ପାଣିଗ୍ରାହୀ ବିନାନୁମତିରେ ଅନଧିକୃତ ଭାବେ ଅଧିକାର କରି ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ଏହାକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ତହସିଲଦାର ତପନ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆ, ରାଜସ୍ୱ ସୁପର ଭାଇଜର୍ ପି.ପଞ୍ଚମା, ରାଜସ୍ୱ ନିରୀକ୍ଷକ କୃଷ୍ଣଚନ୍ଦ୍ର ଜାନୀ, ଏଆରଆଇ ରାମଚନ୍ଦ୍ର ଦଳାଇ, ସୁବ୍ରତ କୁମାର ସାହୁ, ପ୍ରଦୀପ କୁମାର ପାତ୍ର, ଅମିନ ବିଜୟ କୁମାର ବିଶ୍ୱାଳ ଓ ପିଅନ ସୁରେନ୍ଦ୍ର ପ୍ରଧାନ , ପିଣ୍ଟୁ ଦଳାଇ ଓ ଏଏସଆଇ ସୁରେଶ କୁମାର ସାହୁ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ତାଲା କାଟି ନଗଦ ଟଙ୍କା ସହ ସୁନା-ରୁପା ଲୁଟ୍

ଧାମନଗର(ନିପ୍ର): ବୁଧବାର ବିଳମ୍ବିତ ରାତିରେ ଧାମନଗର ଥାନା କରଦା ପଞ୍ଚାୟତ ନନ୍ଦିପୁରସ୍ଥିତ ଚଷାଖଣ୍ଡ ଗ୍ରାମରେ ଏକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଏକ ବନ୍ଦ ଘରୁ ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ଖବରରୁ ପ୍ରକାଶ ଯେ, ଚଷାଖଣ୍ଡ ଗ୍ରାମର ନବ କିଶୋର ସାମଲଙ୍କ ପରିବାରର ସଦସ୍ୟମାନେ ବାହାରେ ରହୁଥିବା ବେଳେ ଘରେ କେବଳ ବଡ଼ବୋହୂ ସାଗରିକା ସାମଲ ଘରେ ରହୁଥିଲେ। ଗ୍ରୀଷ୍ମ ଛୁଟି ପାଇଁ ସାଗରିକା ନିଜ ବାପଘରକୁ ଯାଇଥିଲେ। ଏହି ସୁଯୋଗରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର ମୁଖ୍ୟ ପ୍ରବେଶ ଦ୍ୱାର ସମେତ ସମସ୍ତ ରୁମର ତାଲା କାଟି ଭିତରେ ପଶିଥିଲେ। ସେଠାରେ ଥିବା ଆଲମିରା ଭାଙ୍ଗି ସେଥିରୁ ୨ଟି ସୁନା ହାର, ଗୋଟିଏ ଚିକ ହାର, ୪ଟି ମୁଦି, ୪ ହଳ ସୁନା ଶଙ୍ଖା, ପ୍ରାୟ ୨୦୦ ଗ୍ରାମରୁ ଅଧିକ ରୁପା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ଚୋରି କରି ଚମ୍ପଟ ମାରିଥିଲେ। ଗୁରୁବାର ସକାଳେ ଘରର ତାଲା ଭଙ୍ଗା ଯାଇଥିବା ଦେଖି ଗ୍ରାମବାସୀମାନେ ଏ ସମ୍ପର୍କରେ ବୋହୂ ସାଗରିକାଙ୍କୁ ଜଣାଇଥିଲେ। ସେ ତୁରନ୍ତ ଘରକୁ ଫେରି ସମସ୍ତ ଜିନିଷପତ୍ର ଲୁଟ୍ ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଗୁରୁବାର ସାଗରିକା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଥାନା କେସ ନଂ ୨୬୦ / ୨୬ରେ ରୁଜୁ କରିଥିଲେ। ଘଟଣା ସ୍ଥଳରେ ଏସଡିପି ଓ ବିଷ୍ଣୁ ଚରଣ ବାରିକ, ଥାନା ଅଧିକାରି ଶୁଭ୍ରଜିତ ଦାସ, ଏଏସଆଇ ସୁଜିତ ରାଉତ ସମେତ ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ବେଳେ, ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସଠାରୁ ଆରମ୍ଭ କରି ଏକାମ୍ର କାନନ ପର୍ଯ୍ୟନ୍ତ ନୂଆ ରାସ୍ତାକୁ ଉଦ୍‌ଘାଟନ କରିବା ଅବସରରେ (ଫଟୋ-ଦିନଲିପି)

# ହିତାଧିକାରୀ ଏଣିକି ପାଇବେ ୧୦ କିଲୋଗ୍ରାମ ଚାଉଳ

କେନ୍ଦ୍ରାପଡ଼ା, ୧୨/୬(ନିପ୍ର): ଜିଲ୍ଲା ସଂସ୍କୃତି ଭବନ, କେନ୍ଦ୍ରାପଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜନହିତକର ପଦକ୍ଷେପ "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ ଅବସରରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ କେନ୍ଦ୍ରାପଡ଼ା ଜିଲ୍ଲା ଯୋଡ଼ି ହୋଇଥିଲା। ଏହି ଯୋଜନା ଅଧୀନରେ ପୂର୍ବରୁ ହିତାଧିକାରୀମାନେ ୫ କିଲୋଗ୍ରାମ ଚାଉଳ ପାଉଥିବା ବେଳେ ବର୍ତ୍ତମାନ ଅତିରିକ୍ତ ୫ କିଲୋଗ୍ରାମ ସହ ମୋଟ ୧୦ କିଲୋଗ୍ରାମ ଚାଉଳ ପାଇବେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ କରିବା ସହ ଯୋଗ୍ୟ ଅଙ୍ଗନବାଡି କର୍ମୀମାନଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ରାଜ୍ୟ



ସରକାରଙ୍କ ଦୁଇ ବର୍ଷର ସଫଳତା ଉପରେ ଆଲୋକପାତ କରି କହିଥିଲେ ଯେ, "ବିକାଶର ଧାରା, ଓଡ଼ିଶା ସାରା" ସଂକଳ୍ପକୁ ସାକାର କରିବା ପାଇଁ ସରକାର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଫଳତାର ସହ ପହଞ୍ଚାଇ ପାରିଛନ୍ତି। ସେ ଆହୁରି କହିଥିଲେ ଯେ ଜନସାଧାରଣଙ୍କ ସହଯୋଗ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ରେକର୍ଡ ସଂଖ୍ୟକ ଧାନ ସଂଗ୍ରହ ସମ୍ଭବ ହୋଇପାରିଛି, ଯାହା ଚାଷୀଙ୍କ ଆର୍ଥିକ ସଶକ୍ତିକରଣର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଏହା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଉଚ୍ଚ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ସହାୟତା ଓ ପଦକ୍ଷେପ ଗ୍ରହଣ କରିଥିବା ସେ ପ୍ରକାଶ କରିଥିଲେ।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଲେ କେନ୍ ୱିଲିୟମସନ



ନୂଆଦିଲ୍ଲୀ, ୧୨/୬: ଇଂଲଣ୍ଡ ଗସ୍ତ ମଧ୍ୟରେ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ ଏକ ବଡ଼ ଘୋଷଣା କରିଛନ୍ତି। ୱିଲିୟମସନ ତତ୍କାଳ ପ୍ରଭାବରୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛନ୍ତି। ଏହାସହିତ ୱିଲିୟମସନଙ୍କ ୧୬ ବର୍ଷର ଆନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ୩୫ ବର୍ଷୀୟ ୱିଲିୟମସନ ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ୍ ଅଟନ୍ତି। ସେ ନିଜ କ୍ୟାରିୟରରେ ୩୭୮ଟି ମ୍ୟାଚ୍ ଖେଳି ୧୯୩୪୬ ରନ୍ କରିଛନ୍ତି। ଯେଉଁଥିରେ ୪୮ଟି ଶତକ ଏବଂ ୬ଟି ଦ୍ୱିଶତକ ସାମିଲ ରହିଛି। ୨୦୧୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିବା କେନ୍ ୱିଲିୟମସନ ଖୁବ୍ ଶୀଘ୍ର ନିଜର ଶୈଳୀ, ଧୈର୍ଯ୍ୟ ଓ କ୍ଲାସ୍ ପାଇଁ ସାରା ବିଶ୍ୱକୁ ଆକର୍ଷିତ କରିଥିଲେ। ତାଙ୍କ ବ୍ୟାଟିଂରେ ଆକ୍ରମଣାତ୍ମକତା କମ୍, କିନ୍ତୁ ପ୍ରଭାବ ଏବଂ ନିରନ୍ତରତା ଅଧିକ ଦେଖିବାକୁ ମିଳୁଥିଲା। ୱିଲିୟମସନ ନ୍ୟୁଜିଲାଣ୍ଡ କ୍ରିକେଟରେ ସେହି ସମୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ଯେତେବେଳେ କିୱି ଦଳର ଗଣନା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦଳଗୁଡ଼ିକ ମଧ୍ୟରେ ହେଉଥିଲା।

# ବାଂଲାଦେଶୀଙ୍କ ଅନୁପ୍ରବେଶ ନେଇ ସନ୍ଦେହ ବୃଦ୍ଧି



ନିମାପଡ଼ା, ୧୨।୬(ନିପ୍ର): ନିମାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ପେଟାଘାଇ ରାସ୍ତାରେ ବାଂଲାଦେଶୀଙ୍କ ସଂଖ୍ୟା ବଢୁଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏମାନେ ପୂର୍ବରୁ ବିଭିନ୍ନ ସାହିବସ୍ତିରେ ଭଡ଼ା ଘରେ ରହି ରାଜମିସ୍ତ୍ରୀ, ମହାରଣା, କମାର ଆଦି କାର୍ଯ୍ୟ କରି ଆସୁଥିଲେ। କଲିକତା ନିର୍ବାଚନ ସମୟେ ଗ୍ରାମକୁ ପଳାଇ ଥିଲେ ଏବଂ ନିର୍ବାଚନ ପରେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନରେ ଭଡ଼ା ଘରେ ରହୁଥିବା ଦୃଷ୍ଟିଗୋଚର ହୋଇଛି। ଗୋଲେଇ ଛକରେ ଏମାନେ ଆଡ୍ଡା ଜମାଇ ଥିବା ବେଳେ ଏବେ ବିଭିନ୍ନ ସାହିବସ୍ତି, କଲୋନୀ, ଗାଁ ଗହଳିରେ ଭଡ଼ା ନେଇ ରହିବା ଆରମ୍ଭ କଲେଣି ବୋଲି ନିକଟସ୍ଥ ଗ୍ରାମବାସୀମାନେ ସୂଚନା ଦେଇଛନ୍ତି। ଏ ଦିଗରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇ ସେମାନଙ୍କୁ ତଡ଼ିବା ନିମନ୍ତେ ଦାବି କରାଯାଇଛି।

# ଜୁନ ୧୪ରେ ସର୍ବଭାରତୀୟ ସମ୍ବଲପୁରୀ ହିନ୍ଦୀ ଉର୍ଦ୍ଦୁ କବି ସମ୍ମିଳନୀ

ସମ୍ବଲପୁର, ୧୨/୬(ନିପ୍ର): ସମ୍ବର୍ଦ୍ଧିତ ହେବେ ବିଭିନ୍ନ ଭାଷାର ୫ ଜଣ ବିଶିଷ୍ଟ କବି କବିତାରେ ଭାଷା ର ପ୍ରଚାର ପ୍ରସାର ହିଁ ଅମୀର ଖୁସରୁ ଫାଉଣ୍ଡେସନ ର ମୂଳ ଲକ୍ଷ୍ୟ ସମ୍ବଲପୁରର ଅମୀର ଖୁସରୁ ଫାଉଣ୍ଡେସନ ପକ୍ଷରୁ ଆସନ୍ତା ଜୁନ ୧୪ ତାରିଖ ଦିନ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ହେବ। ଏହି ବିଷୟକୁ ନେଇ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏହା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ମହମ୍ମଦ ପରବେଜ ଅଲ୍ଲୀ ଖାନଙ୍କ ସହିତ ସଭାପତି ନାସିର ଫରାଜ, କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ତ୍ରିପାଠୀ ଓ ଆଇନ ପରାମର୍ଶ ଦାତା ଜୟ କୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପେକ୍ଷୀରେ ସମ୍ପାଦକ ପରବେଜ ଅଲ୍ଲୀ କହିଲେ ଯେ, ଗତବର୍ଷ ସର୍ବ ଭାରତୀୟ ମୁଶାୟେରାର ଆୟୋଜକ ହୋଇଥିଲା କିନ୍ତୁ ଏହି ବର୍ଷ ବିଶେଷ ଭାବରେ କବିତା ମାଧ୍ୟମରେ ଭାଷାର ପ୍ରଚାର ପ୍ରସାର ଆହୁରି ବ୍ୟାପକ କରିବା ପାଇଁ ଉର୍ଦ୍ଦୁ, ହିନ୍ଦୀ ଓ ସମ୍ବଲପୁରୀ ଭାଷାର କବି ମାନଙ୍କୁ ସାମିଲ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ବିଭିନ୍ନ ଭାଷାର ବିଶିଷ୍ଟ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଭାଷାର ପ୍ରଚାର ପ୍ରସାର ହିଁ ମୁଖ୍ୟ ଉଦ୍ଦେଶ୍ୟ।

# ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ

ଡେରାବିଶ, ୧୨/୬(ନିପ୍ର): ଡେରାବିଶ ବ୍ଲକ ଜଅାଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମ ଗ୍ରାମର ଜଣେ ଯୁବକଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ପ୍ରଫୁଲ୍ଲ ଦାସ (୩୨) ବୋଲି ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ ଗରାମ ଗ୍ରାମର କୈଳାସ ଚନ୍ଦ୍ର ଦାସଙ୍କ ପୁଅ ପ୍ରଫୁଲ୍ଲ ଶୁକ୍ରବାର ମଧ୍ୟାହ୍ନରେ ନିକଟସ୍ଥ ବାରିମୂଳ ଗ୍ରାମ ନିକଟରେ ମଇଁଷି ଚରାଉଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ସେ ସଜ୍ଞାହିନ ହୋଇ ପଡ଼ିବାରୁ ସ୍ଥାନୀୟ ଲୋକେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନର ୧୪ ଦିନ
# ୯୭.୬୩ ପ୍ରତିଶତ ଫର୍ମ ବଣ୍ଟନ ଶେଷ

ଭୁବନେଶ୍ୱର, ୧୨/୬(ନିପ୍ର): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି। ମାତ୍ର ୧୪ ଦିନ ମଧ୍ୟରେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ସଂଖ୍ୟାର ୯୭.୬୩ ପ୍ରତିଶତ ଫର୍ମ ବଣ୍ଟନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଏହି ବ୍ୟାପକ ସଂଶୋଧନ ଅଭିଯାନ ସମୟରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ସର୍ବମୋଟ ୩ କୋଟି ୨୬ ଲକ୍ଷ ୮ ହଜାର ୨୬୨ ଜଣ ଭୋଟରଙ୍କୁ ସଂଶୋଧନ ସମ୍ବନ୍ଧୀୟ ଫର୍ମ ବଣ୍ଟନ କରାଯାଇ ସାରିଛି। ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରେ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ତଥ୍ୟ ପୂରଣ ପରେ ନିଜେ ଅପଲୋଡ ମଧ୍ୟ କରିପାରିବେ।

# ବାପା-ପୁଅଙ୍କ ଆତ୍ମାହୁତି ଉଦ୍ୟମ

ଢେଙ୍କାନାଳ, ୧୨।୬: ଏସପି ଅଫିସ ଆଗରେ ବାପ-ପୁଅଙ୍କ ଆତ୍ମାହୁତି ଉଦ୍ୟମ ଏଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ରାଣିପାଳ ଗ୍ରାମର ଆଇନ ଛାତ୍ର ସରୋଜ ରାଉତ ଓ ତାଙ୍କ ପିତା ପଦ୍ମନାଭ ରାଉତ ଶୁକ୍ରବାର ପୂର୍ବାହ୍ନରେ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ପୈତୃକ ସମ୍ପତ୍ତିକୁ ନେଇ ତାଙ୍କର ପରିବାର ମଧ୍ୟରେ ଜମିଜମା ବିବାଦ ଲାଗିରହିଥିଲା। ପରିବାରର ଦୁଇ ଗୋଷ୍ଠୀଙ୍କ ପକ୍ଷରୁ ଭାପୁର ଫାଣ୍ଡିରେ ଏ ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ ଏକପାଖିଆ ବିଚାର କରି ଆଇନଛାତ୍ର ସରୋଜ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ମାମଲା ରୁଜୁ କଲେ। ଯାହା ଫଳରେ ସରୋଜଙ୍କ ଶିକ୍ଷାଗତ କ୍ୟାରିଅର ବାଧାପ୍ରାପ୍ତ ହେବ ବୋଲି ସରୋଜଙ୍କ ଅଭିଯୋଗ କରିଥିଲେ। ପୋଲିସର ନିର୍ଯାତନା ସହି ନ ପାରି ସରୋଜ ଓ ତାଙ୍କ ପିତା ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି କୁହାଯାଇଛି।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର

ଭୁବନେଶ୍ୱର, ୧୨।୬(ନିପ୍ର): କୁଳପତିଙ୍କ ସଚିବାଳୟ ଓଡ଼ିଶାର ରାଜସ୍ୱ ବୋର୍ଡର ଯୁଗ୍ମ ସଚିବ ରଶ୍ମିରେଖା ସ୍ୱାଇଁଙ୍କୁ କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର ଭାବରେ ନିଯୁକ୍ତ କରିଛି। ଜୁନ୍ ୭, ୨୦୨୬ରେ ଜାରି ହୋଇଥିବା ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ସ୍ୱାଇଁ ପ୍ରାରମ୍ଭିକ ତିନି ବର୍ଷ ପାଇଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେବା ସର୍ତ୍ତାବଳୀରେ କାର୍ଯ୍ୟ କରିବେ। ଏହି ନିଯୁକ୍ତି ସେ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିବା ତାରିଖରୁ କାର୍ଯ୍ୟକାରୀ ହେବ।

# ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ

ଭୁବନେଶ୍ୱର, ୧୨।୬: ଓଡ଼ିଶାର ଘର କ୍ରେତା, ଜମି ମାଲିକ ଏବଂ ପ୍ରମୋଟରମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାଲିକାନା ଏବଂ ପରିଚାଳନାରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଅଧିନିୟମ, ୨୦୨୩ ପ୍ରଣୟନ କରାଯାଇଥିଲା। ତଥାପି,



ଏହାଦ୍ୱାରା ୫ ଅକ୍ଟୋବର, ୨୦୧୬ ରେ ରିଅଲ୍ ଇଷ୍ଟେଟ୍ (ରେଗୁଲେସନ୍ ଆଣ୍ଡ ଡେଭେଲପମେଣ୍ଟ) ଆକ୍ଟ ବା 'ରେରା' ଲାଗୁ ହେବା ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଆପାର୍ଟମେଣ୍ଟ ୟୁନିଟ୍ ଗୁଡ଼ିକର ପଞ୍ଜୀକରଣ ସହଜ ହୋଇପାରିବ। ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ପୁରୁଣା ଆପାର୍ଟମେଣ୍ଟ ପ୍ରକଳ୍ପଗୁଡ଼ିକରେ କ୍ରେତା ଏବଂ ଅଂଶୀଦାରମାନେ ସାମ୍ନା କରୁଥିବା ଦୀର୍ଘଦିନର ପଞ୍ଜୀକରଣ ସମସ୍ୟାର ସମାଧାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶା ଗେଜେଟ୍‌ର ଅସାଧାରଣ ସଂଖ୍ୟାରେ ପ୍ରକାଶିତ ଏହି ସ୍ୱତନ୍ତ୍ର ନିର୍ଦ୍ଦେଶନାମା, ପୂର୍ବରୁ ଥିବା ଦସ୍ତାବିଜ୍ ଏବଂ ନିୟମାନୁପାଳନ ଜନିତ ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଏକ ସ୍ପଷ୍ଟ ଆଇନଗତ ଆଧାର ପ୍ରଦାନ କରୁଛି, ଯାହା ଅନେକ ଆପାର୍ଟମେଣ୍ଟ ୟୁନିଟ୍‌ର ପଞ୍ଜୀକରଣରେ ବାଧା ସୃଷ୍ଟି କରୁଥିଲା। ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଆପାର୍ଟମେଣ୍ଟ ପ୍ରକଳ୍ପଗୁଡ଼ିକରେ ବହୁ ସଂଖ୍ୟକ ଆପାର୍ଟମେଣ୍ଟ କ୍ରେତା ହସ୍ତାନ୍ତର ଦଲିଲ ପଞ୍ଜୀକରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଦିଓ ୩ ଡିସେମ୍ବର, ୨୦୨୫ ରେ ଜାରି ହୋଇଥିବା ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବ୍ୟକ୍ତିଗତ ଆଲଟି ମାନଙ୍କୁ ଆଶ୍ୱସ୍ତି ଦେଇଥିଲା, କିନ୍ତୁ ପ୍ରମୋଟର ଏବଂ ଜମି ମାଲିକଙ୍କ ପାଖରେ ରହିଯାଇଥିବା ଆପାର୍ଟମେଣ୍ଟଗୁଡ଼ିକ ଏହାର ପରିସରଭୁକ୍ତ ହୋଇନଥିଲା। ଏହି ସମସ୍ୟାର ସମାଧାନ ପାଇଁ ସରକାର 'ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟ, ୨୦୨୩' ର ଧାରା ୩୫ ଅନ୍ତର୍ଗତ ତାଙ୍କ କ୍ଷମତାର ପ୍ରୟୋଗ କରିଛନ୍ତି ଏବଂ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଛାଡ଼ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ଯାହାଫଳରେ ଏଭଳି ଆପାର୍ଟମେଣ୍ଟ ଗୁଡ଼ିକର ପଞ୍ଜୀକରଣ ସମ୍ଭବ ହେବ ଏବଂ ଦୀର୍ଘ ଦିନରୁ ପଡ଼ିରହିଥିବା ପୁରୁଣା ମାମଲାଗୁଡ଼ିକର ସମାଧାନ ହୋଇପାରିବ।

# ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଚାମେଲି

କେନ୍ଦ୍ରାପଡ଼ା, ୧୨/୬(ନିପ୍ର): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରି ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା। ନିଜ ଅଞ୍ଚଳରେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ତାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ବିଭିନ୍ନ ଘଟଣାର ନିରପେକ୍ଷ ତଦନ୍ତ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ କାମନା କରିଛନ୍ତି।

# ଜୁନ୍ ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ



ଭୁବନେଶ୍ୱର, ୧୨/୬(ନିପ୍ର): ଆସନ୍ତା ସୋମବାର ଜୁନ୍ ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ। ସରକାରୀ ଛୁଟି ଦିବସ ଯୋଗୁଁ ଆସନ୍ତା ସୋମବାର ୧୫.୦୬.୨୦୨୬ ରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନ ସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

କୁଚିଣ୍ଡା, ୧୨/୬(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଷ୍ଟେସନବସ୍ତି ନିବାସୀ ତଥା ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭବାନୀ ଶଙ୍କର ନାଏକଙ୍କ ୬୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ବର୍ଷ ଧରି ମଧୁମେହ ରୋଗରେ ପୀଡିତ ଥିଲେ। ଘରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ ଗୋବିନ୍ଦପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ରାତି ୮ଟାରେ ତାଙ୍କର ମୃତ୍ୟୁ ହୋଇଛି।

# ଡକାୟତ ଘଟଣାରେ ଜଣେ ଗିରଫ

ଭାପୁର, ୧୨/୬(ନିପ୍ର): ଭାପୁର ଗ୍ରାପର ପୂର୍ବତନ ସରପଞ୍ଚ ତଥା ଭାପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଡକାୟତ ଘଟଣାରେ ଶୁକ୍ରବାର ଫତେଗଡ଼ ପୋଲିସ ଏବଂ ଭାପୁର ଆଉଟପୋଷ୍ଟ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଜଣଙ୍କୁ ଗିରଫ କରି କୋର୍ଟ ଫରୱାର୍ଡ କରିଛି। ପୋଲିସ ଏହି ଚୋରି ଘଟଣାକୁ ତତ୍ପରତାର ସହିତ ତଦନ୍ତ କରି ଭାପୁର ପଂଚାୟତ ଏଲୋପଡା ଗ୍ରାମର ଚକ୍ରଧର ନାୟକଙ୍କ ପୁଅ ପ୍ରକାଶ ନାୟକ (୩୦)କୁ ନିଜ ଗ୍ରାମ ଜଙ୍ଗଲ ମଧ୍ୟରୁ ଧରିବା ସହିତ ଚୋରି ସାଇକେଲକୁ ଉଦ୍ଧାର କରିଛି।

# ଝଡ଼ବାତ୍ୟାରେ ଉଡ଼ିଲା ଘର

ଭାପୁର, ୧୨/୬(ନିପ୍ର): ଭାପୁର ବ୍ଲକରେ ଶୁକ୍ରବାର ଅପରାହ୍ନ ସମୟରେ ମେଘ ଓ ପବନ ହେବାରୁ ପଦ୍ମାବତୀ ଗ୍ରାମ କୈବର୍ତ୍ତ ସାହିର କୁନି ଖଟୁଆଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। କୁନି ଖଟୁଆ ନିହାତି ଗରିବ ଏବଂ ବିଧବା ହୋଇଥିବା ବେଳେ ତାଙ୍କର ଚାଳ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ସେ ବେସାହାରା ହୋଇଯାଇଛନ୍ତି। ଘର ଭିତରେ ଯାହାସବୁ ଆସବାବ ପତ୍ର ରହିଥିଲା ସବୁ ବର୍ଷାରେ ଓଦା ହୋଇ ନଷ୍ଟ ହୋଇଯାଇଛି। ଭାପୁର ପ୍ରଶାସନ ତାଙ୍କୁ ଆର୍ଥିକ ସହାୟତା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ ଓ ସ୍ମାର୍ଟଫୋନ ବଣ୍ଟନ

କଟକ, ୧୨/୬(ନିପ୍ର): ଓଡିଆ ବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ' ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭ ଉଦଘାଟନ ସହ ପୋଷଣ ଅଭିଯାନ ଅଧୀନରେ ସ୍ମାର୍ଟ ଫୋନ ବଣ୍ଟନର ଶୁଭାରମ୍ଭ ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭିଡ଼ିଓ ଏବଂ ସଂଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଏବଂ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଯୋଜନା ବୋର୍ଡ କମିଟିର ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି



ମଲ୍ଲିକ କହିଲେ ଯେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ମୂଳଲକ୍ଷ୍ୟ। ରାସନ କାର୍ଡ ଆବଣ୍ଟନରେ କଟକ ଜିଲ୍ଲା ବଡ ସଫଳତା ପାଇପାରିଛି। ମୁଖ୍ୟମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ବହୁତ ଲୋକମାନଙ୍କୁ ଘର ମିଳି ପାରିଛି ଏବଂ ଆଗକୁ ମଧ ସରକାରଙ୍କ ଦ୍ୱାରା କଟକ ଜିଲ୍ଲାପାଇଁ ବହୁତ ଉନ୍ନତି ମୂଳକ କାର୍ଯ୍ୟ ହେବ ବୋଲି କହିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନାରେ 'ମା' ମାନେ କିଭଳି ଉପକୃତ ହୋଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ ସେବା ପାଇଁ ଜନ ଔଷଧୀ ଯୋଜନା ଦ୍ୱାରା କିଭଳି ଭାବରେ ଜନସାଧାରଣ ଉପକୃତ ହେଉଛନ୍ତି ତାହା ଉପରେ ମଧ ଆଲୋକପାତ କରିଥିଲେ। ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ମହିଳାମାନଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଉପସ୍ଥିତ ୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜଗାଙ୍ଗପୁରକୁ ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା

ଭୁବନେଶ୍ୱର, ୧୨/୬(ନିପ୍ର): ଭାରତର ଅନ୍ୟତମ ପ୍ରମୁଖ ସିମେଂଟ କମ୍ପାନୀ ଡାଲମିଆ ସିମେଂଟ (ଭାରତ) ଲିମିଟେଡ ଏହା ଘୋଷଣା କରି ଗର୍ବିତ ଯେ, ଏହାର ଓଡିଶାର ରାଜଗାଙ୍ଗପୁରସ୍ଥିତ ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ (ଆଇଟିଆଇ)କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରଣାଳୟ (ଏମଏସଡିଇ) ଦ୍ୱାରା ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ପରିଚାଳିତ ଅଲ୍ ଇଣ୍ଡିଆ ଆଇଟିଆଇ ଗ୍ରେଡିଂରେ ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା ଦିଆଯାଇଛି। ଏହି ଶିକ୍ଷାନୁଷ୍ଠାନ ଦେଶର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିବା ସହ ୧୦ରୁ ୯.୭ର ଏକ ଉଲ୍ଲେଖନୀୟ ସ୍କୋର ହାସଲ କରିଛି।



ଏହି ନୂତନ ସ୍ୱୀକୃତି ଶିକ୍ଷାନୁଷ୍ଠାନର ଉତ୍କର୍ଷତାର ମଜଭୁତ ଟ୍ରାକ ରେକର୍ଡ ଯୋଗୁଁ ସମ୍ଭବ ହୋଇଛି, ଯାହା ପୂର୍ବରୁ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତରେ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିଥିଲା। ଚଳିତ ବର୍ଷ ଶୀର୍ଷ ସ୍ଥାନକୁ ଏହାର ଉତ୍ଥାନ ଗୁଣାତ୍ମକ ତାଲିମ, ଶିଳ୍ପ ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀଙ୍କ ସଫଳତା ଉପରେ ଏକ ସ୍ଥାୟୀ ଗୁରୁତ୍ୱକୁ ପ୍ରତିଫଳନ କରୁଛି। ଏହି ଶିକ୍ଷାନୁଷ୍ଠାନ ଫିଟର, ଇଲେକ୍ଟ୍ରିସିଆନ, ମେକାନିଷ୍ଟ, ୱେଲ୍ଡର, କମ୍ପ୍ୟୁଟର ଅପରେଟର ଓ ପ୍ରୋଗ୍ରାମିଙ୍ଗ ଆସିଷ୍ଟାଣ୍ଟ (ସିଓପିଏ) ଏବଂ ସୋଲାର ଟେକ୍ନିସିଆନ ସମେତ ବିଭିନ୍ନ ଟ୍ରେଡରେ ବୈଷୟିକ ତାଲିମ ପ୍ରଦାନ କରୁଛି। ଏକ ଉଲ୍ଲେଖନୀୟ ସଫଳତାରେ ଗତ ଦୁଇ ବର୍ଷରେ ନାମ ଲେଖାଇଥିବା ୧୩% ପ୍ରାର୍ଥୀ ମହିଳା ଥିବା ବେଳେ ୮୪% ପ୍ରାର୍ଥୀ ଅନୁସୂଚିତ ଜନଜାତି (ଏସଟି) ସମ୍ପ୍ରଦାୟର ଥିଲେ। ଏହି ସଫଳତାକୁ ପାଳନ କରିବା ପାଇଁ କମ୍ପାନୀ ଅଧିକାରୀମାନଙ୍କ ଉପସ୍ଥିତିରେ ଡିସିବିଏଲ ପକ୍ଷରୁ ଶିକ୍ଷାନୁଷ୍ଠାନର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା।

# ଗ୍ରାମକୁ ରାସ୍ତା ନାହିଁ: ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ

ନିମାପଡ଼ା, ୧୨।୬ (ନିପ୍ର): ନିମାପଡ଼ା-ପିପିଲି ରାଜ୍ୟ ରାଜପଥ ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ଦଳୁଆସାହି ଗ୍ରାମକୁ ପକ୍କା ରାସ୍ତା ନଥିବାରୁ ୩୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଛି। ଗ୍ରାମର କେତେକ ଉତ୍ସାହୀ ଯୁବକ ରାସ୍ତା ନଥିବା ସଂପର୍କରେ ସାମାଜିକ ସଂଗଠନ ଜାଗ୍ରତ ଯୁବଶକ୍ତି ଆବାହକ ତଥା ଯୁବନେତା ଆଦର୍ଶ ଦାଶଙ୍କୁ ସୂଚନା ଦେବା ପରେ ସଂଗଠନର ଏକ ଦଳ ଗ୍ରାମରେ ପହଂଚି ସମସ୍ୟା ସଂପର୍କରେ ଅବଗତ ହୋଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମବାସୀମାନେ ଅଦ୍ୟାବଧି ପୋଖରୀ ହୁଡ଼ା, ଧାନବିଲ ହିଡ଼ରେ ଯାତାୟତ କରୁଥିବା ଦେଖିବାକୁ ମିଳିଥିଲା। ବର୍ଷାଦିନେ ପାଣି କାଦୁଅ ଦେଇ ଛୋଟ ପିଲା ଏବଂ ବୟସ୍କ ବ୍ୟକ୍ତିମାନେ ଯାତାୟତ କରୁଥିବା ନେଇ ସଂଗଠନ ଟିମ୍ ନିକଟରେ ପ୍ରକାଶ କରିଥିଲେ। ଗୁରୁତର ରୋଗୀ ଏବଂ ପ୍ରସୂତି ମହିଳାଙ୍କୁ ଭାର ମଧ୍ୟମରେ ବୋହି ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେଲା ପରେ ସେଠାରୁ ଅଟୋରିକ୍ସା ମାଧ୍ୟମରେ ଡ଼ାକ୍ତରଖାନା ନେଇଥାନ୍ତି ବୋଲି ଗ୍ରାମବାସୀମାନେ ସୂଚନା ଦେଇଥିଲେ। ହରିପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଦଳୁଆସାହିର ଯୁବ ସଂଗଠକ ସତ୍ୟ ପ୍ରକାଶ ବେହେରା, ସମାଜସେବୀ ଦୀପକ କୁଣ୍ଡ, କିଶୋର ବେହେରା, ଗ୍ରାମବାସୀ ମନୋଜ ଭୋଇ, ପ୍ରଭାତ ସାହାଣୀ ପ୍ରମୁଖ ସଂଗଠନ ଆବାହକ ଶ୍ରୀ ଦାଶଙ୍କ ସମେତ ସଂଯୋଜକ ସମୀର ରାଉତରାୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଜୟାନନ୍ଦ ଦାସ, ଉପଦେଷ୍ଟା ଅଜୟ ମିଶ୍ର, ଅଜୟ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଂଗଠକଙ୍କୁ ନେଇ ଗ୍ରାମ୍ୟ ରାସ୍ତା ଦୁର୍ଦ୍ଦଶା ଦେଖାଇ ଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/26-27/ E-Tender/25, ତା.08.06.2026 ରିଖ

ଟେଣ୍ଡର ସଂ. e-tenderEastkur-80-2026, ତା.27.05.2026 ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ଡିଭିଜନର ସହାୟକ ଡିଭିଜନାଲ ଇଞ୍ଜିନିୟର/II/ କଟକଙ୍କ ଅଧିକାର କ୍ଷେତ୍ର ଅଧୀନରେ ହରିଦାସପୁର-ପାରାଦୀପ ସେକ୍ସନ ମଧ୍ୟରେ ପ୍ରସ୍ତାବିତ ...

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 257.53 ଲକ୍ଷ, EMD : ₹ 5,15,100/-

ଶେଷ ହେବା ଅବଧି : 12 (ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.06.2026 ରିଖ 1500 ଘଣ୍ଟାରେ ।

... ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

... IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-230/R/26-27

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ